# କର୍ମଚାରୀଙ୍କ ହଷ୍ଟେଲ କାମ ନୈରାଶ୍ୟଜନକ

ଯାଜପୁର,୨୭।୧୨(ହର୍ଷବର୍ଦ୍ଧନ ବେହେରା)

**କଳିଙ୍ଗନଗର ଶିଳ୍ପାଞ୍ଚଳ**

■ ଠିକାସଂସ୍ଥାକୁ ତାଗିଦ କଲେ ଇଡ୍‌କୋ କର୍ତ୍ତୃପକ୍ଷ

ଶିଳ୍ପୋନ୍ନତ ଯାଜପୁର ଜିଲ୍ଲାର ଅନେକ କମ୍ପାନୀ ସରକାରଙ୍କ ଅଧିକାଂଶ ନୀତିନିୟମକୁ ଉଲ୍ଲଂଘନ କରୁଥିବା ପୂର୍ବରୁ ଅଭିଯୋଗ ହୋଇଆସିଛି। ଏମାନଙ୍କ କଳାକାରନାମା ଦେଖି କମ୍ପାନୀ ଅଧୀନରେ ଥିବା ପ୍ରାୟତଃ ରାଜ୍ୟ ବାହାର ଠିକାସଂସ୍ଥାଗୁଡ଼ିକ ମଧ୍ୟ ପ୍ରଶାସନକୁ ଠକି ଚାଲିଛନ୍ତି। କେଉଁଠି ଠିକାସଂସ୍ଥା ଜରିଆରେ କାର୍ଯ୍ୟରତ ଶ୍ରମିକମାନଙ୍କୁ ଶୋଷଣ କରୁଥିବାବେଳେ ଅନ୍ୟ କେଉଁଠି ଭାଗବଣ୍ଟା ନ ଛିଣ୍ଡିବାରୁ ଶ୍ରମିକଙ୍କୁ ହତ୍ୟା କରି ମାଟିରେ ପୋତି ଦେଉଥିବା ଭଳି ଦୃଷ୍ଟାନ୍ତ କଳିଙ୍ଗନଗର ଶିଳ୍ପାଞ୍ଚଳରେ ରହିଛି। ଦୂରଦୂରାନ୍ତରୁ ଶ୍ରମିକମାନେ ବସ୍, ଟ୍ରେନ୍, ବାଇକ୍ ଯୋଗେ କାରଖାନାଗୁଡ଼ିକୁ ଆସି କାମ କରି ନିଜର ଗୁଜୁରାଣ ମେଣ୍ଟାଉଛନ୍ତି। ବିଭିନ୍ନ ସମୟରେ ଦୁର୍ଘଟଣା ଘଟି ଶ୍ରମିକମାନଙ୍କ ଜୀବନ ଯାଉଥିବା ଭଳି ଉଦାହରଣ ମଧ୍ୟ ରହିଛି। କିନ୍ତୁ ପ୍ରଶାସନିକ ଏବଂ ଇଡ୍‌କୋ କର୍ତ୍ତୃପକ୍ଷଙ୍କ ଅବହେଳା କାରଣରୁ ଶ୍ରମିକମାନଙ୍କ ନିରାପଦ ଆଶ୍ରୟ ପାଇଁ ୧୦୦୦ ଶଯ୍ୟାବିଶିଷ୍ଟ ଏକ ହଷ୍ଟେଲ ନିର୍ମାଣ ସମ୍ପୂର୍ଣ୍ଣ ହୋଇପାରୁନାହିଁ। କଳିଙ୍ଗନଗର ଅଞ୍ଚଳରେ ୨୮।୧୨।୨୦୨୨ରେ ଆରମ୍ଭ ହୋଇଥିବା ଉକ୍ତ ହଷ୍ଟେଲ କାମର ଅଗ୍ରଗତି ଅତି ନୈରାଶ୍ୟଜନକ ରହିଛି। ଏହିକ୍ରମରେ ଇଡ୍‌କୋର ସିଭିଲ ବିଭାଗର ନିର୍ବାହୀ ଯନ୍ତ୍ରୀ ଅଜୟ କୁମାର ସାହୁ ହଷ୍ଟେଲ ନିର୍ମାଣ କାର୍ଯ୍ୟରେ ଆବଶ୍ୟକ ମାନବ ସମ୍ବଳ ଲଗାଇ ନିର୍ମାଣ କାମକୁ ଅଗ୍ରଗତ କରିବା ପାଇଁ ବଲାଙ୍ଗୀର ଜିଲ୍ଲା ବେଲଗାଁ ଗ୍ରାମର ନିର୍ମାଣକାରୀ ସଂସ୍ଥା ଡି.କେ. ଇଞ୍ଜିନିୟରିଂ ଆଣ୍ଡ୍ କନଷ୍ଟ୍ରକ୍ସନକୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟଥା ଚୁକ୍ତି ଅନୁଯାୟୀ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉକ୍ତ ନିର୍ମାଣକାରୀ ସଂସ୍ଥାକୁ ଚେତାବନୀ ଦେଇଛନ୍ତି।

ଶିଳ୍ପଭିତ୍ତିକ ଯାଜପୁର ଜିଲ୍ଲାରେ ଅନେକ କାରଖାନା ପ୍ରତିଷ୍ଠା ହୋଇଛି। କମ୍ପାନୀଗୁଡ଼ିକରେ ଅନେକ ଠିକାସଂସ୍ଥା ଅଧୀନରେ ପ୍ରାୟ ୪୦ ହଜାରରୁ ଊର୍ଦ୍ଧ୍ୱ କର୍ମଚାରୀ ଓ ଶ୍ରମିକ କାମ କରୁଛନ୍ତି। ଠିକାସଂସ୍ଥାଗୁଡ଼ିକ କମ୍ପାନୀଠାରୁ ଧାର୍ଯ୍ୟ ମଜୁରିଠାରୁ ଅଧିକ ଟଙ୍କା ନେଉଥିଲେ ହେଁ ଶ୍ରମିକମାନଙ୍କୁ ତାହାର ପ୍ରାୟ ୫୦% ପ୍ରଦାନ କରାଯାଉଛି। ଏପରି କି ଦୀର୍ଘ ୧୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଗୋଟିଏ କମ୍ପାନୀରେ ଠିକାସଂସ୍ଥା ଅଧୀନରେ କାର୍ଯ୍ୟ କରୁଥିଲେ ବି ସେମାନଙ୍କୁ ପଦୋନ୍ନତି କିମ୍ବା ନିୟମିତ କରାଯାଉନାହିଁ। ତେଣୁ ଅଳ୍ପ ଦରମାରେ ପରିବାର ଚଳାଇବା କଷ୍ଟକର ହେଉଛି। ଏହିକ୍ରମରେ ସୁଲଭ ମୂଲ୍ୟରେ ଶ୍ରମିକମାନଙ୍କ ପାଇଁ ସରକାର ଶ୍ରମିକ ଓ କର୍ମଚାରୀ ହଷ୍ଟେଲ ନିର୍ମାଣ କରିବାକୁ ଯୋଜନା କରିଛନ୍ତି। ହେଲେ କଳିଙ୍ଗନଗର ଶିଳ୍ପାଞ୍ଚଳରେ ହଷ୍ଟେଲ ନିର୍ମାଣକୁ ୨ ବର୍ଷ ଅତିକ୍ରାନ୍ତ ହୋଇସାରିଥିଲେ ହେଁ ୪୦% କାମ ସରିନି। ଇଡକୋ ପକ୍ଷରୁ ହୋଇଥିବା ନିର୍ଦ୍ଦେଶ ଅନୁସାରେ ବ୍ଲକ-ଏ ହଷ୍ଟେଲ ବିଲ୍ଡିଂର ଆର୍‌ସିସି ଷ୍ଟ୍ରକ୍ଚର ୩୦।୧୦।୨୦୨୪ ସୁଦ୍ଧା ଶେଷ କରିବାକୁ ସମ୍ପୃକ୍ତ ଠିକାସଂସ୍ଥା ପ୍ରତିଶ୍ରୁତି ଦେଇଥିଲା। କିନ୍ତୁ ମାତ୍ର ୭ ଜଣ ଶ୍ରମିକଙ୍କୁ ନେଇ ତୃତୀୟ ସ୍ତମ୍ଭ କାମ ଚାଲିଛି। ଠିକାସଂସ୍ଥା ଆବଶ୍ୟକ ଶ୍ରମିକ ନିୟୋଜନ କରୁ ନ ଥିବାରୁ ଏଭଳି ସ୍ଥିତି ସୃଷ୍ଟି ହେଉଥିବା ଇଡ୍‌କୋ ପକ୍ଷରୁ ଦର୍ଶାଯାଇଛି। ଏହାବାଦ ବ୍ଲକ-ବି ହଷ୍ଟେଲ ବିଲ୍ଡିଂ ୨୧।୧୦।୨୦୨୪ ସୁଦ୍ଧା ଶେଷ କରିବାକୁ ଧାର୍ଯ୍ୟ ହୋଇଥିଲା। କିନ୍ତୁ ଏଯାଏ ମାତ୍ର ୧୫ ଜଣ ଶ୍ରମିକଙ୍କୁ ନେଇ ଆର୍‌ସିସି ଷ୍ଟ୍ରକ୍ଚର କାମ ଚାଲିଛି। ୨୦୨୪ ଜୁଲାଇ ସୁଦ୍ଧା ବ୍ଲକ-ସି ବିଲ୍ଡିଂର ଆର୍‌ସିସି ଷ୍ଟ୍ରକ୍ଚର ୪ ମହଲା ପର୍ଯ୍ୟନ୍ତ ସାରିବାକୁ ଧାର୍ଯ୍ୟ କରାଯାଇଥିଲା। କିନ୍ତୁ ଏଯାଏ ସମସ୍ତ ମହଲାର ଇଟା କାର୍ଯ୍ୟ ସରିନାହିଁ। କେବଳ ଦ୍ୱିତୀୟ ମହଲା ପର୍ଯ୍ୟନ୍ତ ଇଟା କାମ ସରିଛି। ତଳ ମହଲାର ପ୍ଲାଷ୍ଟରିଂ ଏବଂ ତୃତୀୟ ମହଲାର କାର୍ଯ୍ୟ ଅତି ଧିରେ ଚାଲିଛି। ଏହାକୁ ନେଇ ବିଭାଗ ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଛି। ଏହାବାଦ କର୍ମଜୀବୀ ମହିଳାଙ୍କ ପାଇଁ ମହିଳା ଏବଂ ଶିଶୁ ବିକାଶ (ଡବ୍ଲ୍ୟୁ ଆଣ୍ଡ୍ ସିଡି)ବିଭାଗ ଅଧୀନ ମହିଳା ବିକାଶ ସମବାୟ ନିଗମ(ଏମ୍‌ଭିଏସ୍‌ଏନ୍) ସଂସ୍ଥାକୁ ୪୪.୧୯ କୋଟି ଟଙ୍କା ପ୍ରଦାନ କରାଯାଇଥିଲା। କିନ୍ତୁ ଆଜିପର୍ଯ୍ୟନ୍ତ ଯାଜପୁର ରୋଡ୍‌ଠାରେ ନିର୍ମାଣାଧୀନ ହଷ୍ଟେଲ କାର୍ଯ୍ୟକ୍ଷମ ହୋଇପାରିନାହିଁ। ଏଭଳି ଭାବେ ଶ୍ରମିକଙ୍କୁ ହାଲୁକା ଭାବେ ଗ୍ରହଣ କରି ସରକାର ସେମାନଙ୍କ ନିରାପଦ ଆବାସ ଲକ୍ଷ୍ୟକୁ ଗୁରୁତ୍ୱ ଦେଉ ନ ଥିବା ମତପ୍ରକାଶ ପାଇଛି।

## ସଂକ୍ଷେପରେ

### ଫସଲ ସହାୟତା ପାଇଁ ଅଭିଯୋଗ କରିବାକୁ ପରାମର୍ଶ

ଯାଜପୁର ଟାଉନ,୨୭।୧୨ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ଲଘୁଚାପ ଜନିତ ଲଗାଣବର୍ଷା ଯୋଗୁ କ୍ଷତି ହୋଇଥିବା ଫସଲର ସହାୟତା ପାଇବା ପାଇଁ ଅଭିଯୋଗ କରିବାକୁ ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି। ଯେଉଁମାନେ ସମବାୟ ସମିତି କିମ୍ବା ଜନସେବା କେନ୍ଦ୍ର ଜରିଆରେ ପ୍ରଧାନମନ୍ତ୍ରୀ ଫସଲ ବୀମା କରାଇଥିଲେ ସେମାନେ ୧୪୪୪୭ ନମ୍ବରରେ ୭୨ଘଣ୍ଟା ମଧ୍ୟରେ ଅଭିଯୋଗ ରେଜିଷ୍ଟ୍ରେଶନ କରିବାକୁ କୁହାଯାଇଛି।

### ମନମୋହନ ସିଂଙ୍କ ବିୟୋଗରେ ଶୋକ

ଯାଜପୁରୋଡ୍,୨୭।୧୨(ପବିତ୍ର ରଞ୍ଜନ ମହାନ୍ତି): ପୂର୍ବତନ ପ୍ରଧାନମନ୍ତ୍ରୀ ଡ. ମନମୋହନ ସିଂଙ୍କ ବିୟୋଗରେ ଏକ ଶୋକସଭା ସ୍ଥାନୀୟ ହୋଟେଲଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବ୍ୟାସନଗରର କଂଗ୍ରେସ ସଭାପତି ଦିଲୀପ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶୋକ ସଭାରେ ରାମଚନ୍ଦ୍ର ଖୁଣ୍ଟିଆ, ପୂର୍ବତନ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡା, ପ୍ରଦେଶ କଂଗ୍ରେସ ସମ୍ପାଦକ ସୁଧାନିଧି ମହାପାତ୍ର, କୋରେଇ ବ୍ଲକ ସଭାପତି ଅକ୍ଷୟ ଜେନା, ହରେକୃଷ୍ଣ ସାହୁ, ବ୍ୟାସନଗର ପୂର୍ବତନ ସଭାପତି ହୃଦାନନ୍ଦ ସାମଲ, ଶ୍ରମିକ ନେତା ନାରାୟଣ ଚନ୍ଦ୍ର ନାୟକ, ବଳରାମ ମଲ୍ଲିକ ପ୍ରମୁଖ ଯୋଗଦେଇ ମନମୋହନଙ୍କ ସ୍ମୃତିଚାରଣ କରଥିଲେ।

### ପ୍ରକାଶିତ ହେବ ଜିଲ୍ଲା ମହୋତ୍ସବ ମୁଖପତ୍ର 'ଯଯାତି'

ଯାଜପୁର ଟାଉନ,୨୭।୧୨ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ଯାଜପୁର ଜିଲ୍ଲା ମହୋତ୍ସବ 'ଯଯାତି-୨୦୨୫' ଅବସରରେ ଜିଲ୍ଲା ସଂସ୍କୃତି ପରିଷଦ ଯାଜପୁର ପକ୍ଷରୁ 'ଯଯାତି'ର ଏକ ଶୋଭନୀୟ ସଂସ୍କରଣ ପ୍ରକାଶିତ ହେବ। ଜିଲ୍ଲା ସଂସ୍କୃତି ପରିଷଦର ଉପାଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶୁଭେନ୍ଦ୍ର କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏଥିପାଇଁ ଯାଜପୁରର ଐତିହ୍ୟ, ସଂସ୍କୃତି, ପରମ୍ପରା, କଳାକୀର୍ତ୍ତି, ଜନଜୀବନ ଏବଂ ବ୍ୟକ୍ତିତ୍ୱ ଆଧାରରେ ଲିଖିତ ଉପାଦେୟ ତଥା ମୌଳିକ ଗବେଷଣାତ୍ମକ ଲେଖାଗୁଡ଼ିକ ଜାନୁଆରୀ ୮ ସୁଦ୍ଧା ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ କାର୍ଯ୍ୟାଳୟ ଅଥବା ଇମେଲ ମାଧ୍ୟମରେ ପଠାଇବାକୁ ଅନୁରୋଧ କରାଯାଇଛି।

### ଧର୍ମପରାୟଣାଙ୍କ ପରଲୋକ

ଯାଜପୁରସଦର,୨୭।୧୨(ସମରବିଜୟଶରଣ)

ଯାଜପୁର ବ୍ଲକ ସାହାସପୁର ପଞ୍ଚାୟତ ଡଅଁରକୁଳ ଗ୍ରାମର ଧର୍ମପରାୟଣା ମହିଳା ଚମ୍ପାବତୀ ରାଉତଙ୍କ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ସେ କିଛିଦିନ ହେବ ଅସୁସ୍ଥ ଥିବାରୁ ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଥିବାବେଳେ ତାଙ୍କର ମୃତ୍ୟୁ ହୋଇଥିଲା। ମରଶରୀରକୁ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ତାଙ୍କ ନାତି ଅଭିଷେକ ମୁଖାଗ୍ନି ଦେଇଥିଲେ। ଚମ୍ପାବତୀଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।



ବଲିଉଡ୍ ଗାୟକ କୈଳାସ ଖେର ସଂଗୀତ ପରିବେଷଣ କରୁଛନ୍ତି।

## କୈଳାସ ଖେରଙ୍କ ସଙ୍ଗୀତରେ ଝୁମିଲେ ଦର୍ଶକ

**ଧର୍ମଶାଳା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା**

ଧର୍ମଶାଳା,୨୭।୧୨(ବଟକୃଷ୍ଣ ପରିଡ଼ା)

ଧର୍ମଶାଳା ମହୋତ୍ସବର ଶୁକ୍ରବାର ଦ୍ୱିତୀୟ ସନ୍ଧ୍ୟାରେ ଖୋଲା ଆକାଶ ରଙ୍ଗମଞ୍ଚରେ ବଲିଉଡ୍ ଗାୟକ କୈଳାସ ଖେରଙ୍କ ସଂଗୀତରେ ଦର୍ଶକ ଝୁମିଛନ୍ତି। ମହୋତ୍ସବ ପଡ଼ିଆରେ ପ୍ରବଳ ଜନଗହଳି ହୋଇଥିଲା। ଦର୍ଶକମାନେ କୈଳାସଙ୍କ ସଂଗୀତ ଓ ତାଙ୍କ ସାଥୀମାନଙ୍କ ନୃତ୍ୟ ଦେଖିବା ସହିତ ମହୋତ୍ସବ ପଡ଼ିଆରେ ବୁଲି ଚଟପଟି ଖାଦ୍ୟ ଖାଇବାର ମଜାଉଠାଇଥିଲେ। ବିଭିନ୍ନ କିସମର ଦୋଳି ଖେଳିଥିଲେ। ମହୋତ୍ସବ ପଡ଼ିଆରେ ପଡ଼ିଥିବା କିସମକିସମ ଦୋକାନରୁ ଦର୍ଶକ ଘର କରଣା ସାମଗ୍ରୀ କିଣାକିଣି କରିଥିଲେ। ଏହି ମହୋତ୍ସବ ଆସନ୍ତା ୬ ତାରିଖ ସନ୍ଧ୍ୟାରେ ଉଦ୍‌ଯାପିତ ହେବ। ମହୋତ୍ସବ ପଡ଼ିଆରେ ପ୍ରବଳ ଜନସମାଗମକୁ ଦେଖି ଶାନ୍ତିଶୃଙ୍ଖଳା ରକ୍ଷା ଲାଗି କମିଟି, ପୋଲିସ ଓ ସ୍ୱେଚ୍ଛାସେବୀଙ୍କ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। କାର୍ଯ୍ୟକ୍ରମକୁ କମିଟିର ସଭାପତି ରବିନାରାୟଣ ସାହୁ, ସାଧାରଣ ସମ୍ପାଦକ ସତ୍ୟପ୍ରିୟ ମହାନ୍ତି, କାର୍ଯ୍ୟକାରୀ ସଭାପତି ପବିତ୍ର ମୋହନ ଦାଶ, ଉପସଭାପତି ସର୍ବେଶ୍ୱର ବେହୁରା, ସମ୍ପାଦକ ଶ୍ରୀକାନ୍ତ ସାହୁ, ସଂଯୋଜକ ଦେବରାଜ ମିଶ୍ର, ଜିତେନ୍ଦ୍ର ରାଉତ, ସବ୍ୟସାଚୀ ସୁନ୍ଦରରାୟ ଓ ରାଜେଶ ପାଲ ପ୍ରମୁଖ ପରିଚାଳନା କରିଥିଲେ।

## ମନ ଛୁଇଁଲା ଆଧୁନିକ ନୃତ୍ୟ, ସଂଗୀତ

**୧୭ତମ କୁଆଖିଆ ମହୋତ୍ସବର ୪ର୍ଥ ସନ୍ଧ୍ୟା**

ରସୁଲପୁର,୨୭।୧୨(ରଂଜିତ ରାଉତ)

ରସୁଲପୁର ବ୍ଲକ ସାରଙ୍ଗପୁର ମେଳଣ ପଡ଼ିଆରେ ଆୟୋଜିତ ୧୭ତମ କୁଆଖିଆ ମହୋତ୍ସବର ଶୁକ୍ରବାର ୪ର୍ଥ ସନ୍ଧ୍ୟା ମଞ୍ଚରେ କଟକ ବାଙ୍କୀ ସିଂଘମ ଡ୍ୟାନ୍ସ ଏକାଡେମୀର କଳକାରଙ୍କ ଦ୍ୱାରା ବିଭିନ୍ନ ଭାଷାଭାଷିର ପାରମ୍ପାରିକ ନୃତ୍ୟଗୀତ ସହ ଆଧୁନିକ ନୃତ୍ୟସଂଗୀତ ପରିବେଷଣ କରାଯାଇଛି। ଏହା ଯୁବଦର୍ଶକଙ୍କ ମନକୁ ବେଶ୍ ଛୁଇଁଛି। ଦର୍ଶକ ମନପସନ୍ଦର ଗୀତ ଓ ନାଚର ତାଳେତାଳେ ନାଚି ବିଭୋର ହୋଇଛନ୍ତି।

ଏହାବାଦ୍ ମହୋତ୍ସବ ପଡ଼ିଆରେ ଦର୍ଶକଙ୍କ ଭିଡ଼ ବ୍ୟବସାୟୀଙ୍କୁ ଆନନ୍ଦିତ କରିଛି। ବିଭିନ୍ନ ପ୍ରକାର ଦୋଳି, ବାରମଜା, ଫାଷ୍ଟଫୁଡ୍, ସିଝା ମକା, ଠୁଙ୍କାପୁରି ଆଦି ଦୋକାନରେ ଭିଡ଼ ଜମିଛି। ମହିଳାମାନେ ମୀନାବଜାର, ମନୋହରୀ ଆଦି ଦୋକାନ ସମ୍ମୁଖରେ ଭିଡ ଜମାଇବା ସହ ବିଭିନ୍ନ ପ୍ରକାରର ଘର କରଣା ସାମଗ୍ରୀ କିଣି ନେଇଛନ୍ତି। ମହୋତ୍ସବ ପଡ଼ିଆରେ ନାନା ପ୍ରକାର ସାଜସଜ୍ଜା ଦର୍ଶକଙ୍କ ମନକୁ ଛୁଇଁଛି। ମହୋତ୍ସବ କମିଟିର ସାଂସ୍କୃତିକ ସଙ୍କତନାଦକ ଉମେଶ ନାୟକ, ମହାସଚିବ ଅରୁଣ ସାହୁ, ସଭାପତି ଶିଶିର କୁମାର ମହାନ୍ତି, କାର୍ଯ୍ୟକର୍ତ୍ତା ଓ ସଦସ୍ୟ ଦିଲୀପ ଦାସ, ଗଦାଧର ଦାଶ, ସଞ୍ଜୀବ ସାମଲ, ଉମେଶ ପଲେଇ, ଶଶାଙ୍କ ଶେଖର ରାଉତ, ମିଟୁ ପରିଡ଼ା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ବାଙ୍କୀ ସିଂଘମ ଡ୍ୟାନ୍ସ ଏକାଡେମୀର କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ରୂପାଲି





@ ବଳରାମ



@ ମାନସ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ପାଣିକୋଇଲି ବିଜୟୀ

**ବରୁଣ ମେମୋରିଆଲ କ୍ରିକେଟ**

ପାଣିକୋଇଲି,୨୭।୧୨(ବିକାଶ ମଲ୍ଲିକ)

କୋରେଇ ବ୍ଲକ ପଥରପଦା ପଞ୍ଚାୟତର କାଜିପାଟଣା ଗ୍ରାମରେ ନବମ ବରୁଣ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ପାଣିକୋଇଲି ବିଜୟୀ ହୋଇଛି। ମୁଖ୍ୟ ଅତିଥି ଭାବେ ନାରାୟଣ ବେହେରା ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ଡାହାଲ ବନାମ ସାଇକୋ ଇଲେଭେନ ପାଣିକୋଇଲି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଡାହାଲା ପ୍ରଥମେ ଟସ ଜିଣି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୧୦ ଓଭରରେ ସମସ୍ତ ଉଇକେଟ ହରାଇ ଦଳ ୬୩ ରନ ସଂଗ୍ରହ କରିଥିଲା। ଜବାବରେ ପାଣିକୋଇଲି ୯.୧ ଓଭରରେ ୮ଉଇକେଟ ହରାଇ ୬୪ ରନ କରି ବିଜୟୀ ହୋଇଥିଲା। ସନ୍ତୋଷ ଦାସ ଓ ସନ୍ଦୀପ ମହାକୁଡ଼ ଅମ୍ପାୟାର ଭାବେ ଖେଳ ପରିଚାଳନା କରିଥିବାବେଳେ ସ୍କୋରରଭାବେ ଅଂଶୁମାନ ମହାକୁଡ଼, ବୁଦ୍ଧାଦିତ୍ୟ ବେହେରା, ଭାଷ୍ୟକାର ଭାବେ ଆଶିଷ ମହାକୁଡ ଓ ସନ୍ଦୀପ ସେଠୀ କାର୍ଯ୍ୟ ତୁଲାଇଥିଲେ। ଅୟୋଜକ କମିଟି ପକ୍ଷରୁ ରଶିକାନ୍ତ ବାରିକ, ରାଜେଶ ବେହେରା, ସମ୍ବିତ ବେହେରା, ସଞ୍ଜୟ ମହାକୁଡ଼, ପବିତ୍ର ମୋହନ ଦାସ, ରାଜେଶ ବେହେରା, ସରୋଜ ମହାକୁଡ଼, ସ୍ୱର୍ଣ୍ଣ ଦୀପନ ବେହେରା, ରାଜାବେହେରା, ଅଭିଜିତ ବେହେରା, ମଣ୍ଟୁ ମହାକୁଡ଼ ଓ ରଣଜିତ ବେହେରା ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

## ଗଣବଳାତ୍କାର ମାମଲାରେ ଦୁଇ ଦୋଷୀଙ୍କୁ ୨୫ବର୍ଷ ଜେଲ୍

ଯାଜପୁର ଟାଉନ,୨୭।୧୨(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ବହୁଚର୍ଚ୍ଚିତ ବାଙ୍ଗରା ଗଣବଳାତ୍କାର ମାମଲାର ଗୁରୁବାର ରାୟ ପ୍ରକାଶ ପାଇଛି। ଯାଜପୁର ଅତିରିକ୍ତ ଜିଲ୍ଲା ଦୌରାଜଜ ତଥା ସ୍ୱତନ୍ତ୍ର ପୋକ୍ସୋ ବିଚାରପତି ଶରତ କୁମାର ଦେହୁରୀ ୨ଜଣ ବଳାତ୍କାରୀଙ୍କୁ ୨୫ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ୨୫ ହଜାର ଟଙ୍କା ଲେଖାଏ ଜରିମାନା କରିଛନ୍ତି। ଜରିମାନା ଅନାଦେୟରେ ଅଧିକ ୫ବର୍ଷ ଲେଖାଏ ଜେଲଦଣ୍ଡ ଭୋଗିବେ ବୋଲି ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ କ୍ଷତିପୂରଣ ବାବଦକୁ ପୀଡ଼ିତାଙ୍କୁ ୧୦ଲକ୍ଷ ଟଙ୍କା ଦେବାକୁ ଜିଲ୍ଲା ଆଇନସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ୨୦୨୩ ନଭେମ୍ବର ୨୪ରେ କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ଥାନା ପଣସଗଣ୍ଡ ଗ୍ରାମର ଜଣେ ୨୪ବର୍ଷୀୟା ଯୁବତୀ ନିଜ ମାମୁଘର ବିଞ୍ଝାରପୁର ଥାନା ଅଧୀନ ବାଙ୍ଗରା ଗ୍ରାମକୁ ଚାଲିଚାଲି ଯାଉଥିଲେ। ଏହି ସମୟରେ ବାଙ୍ଗରା ପୋଲ ନିକଟରେ ଗୋବିନ୍ଦ ଯେନା ଓ କବିନ୍ଦ୍ର ଯେନା ନିଶା ସେବନ କରୁଥିଲେ। ଯୁବତୀ ଏକାଥିବା ଦେଖି ଅଭିଯୁକ୍ତ ତାଙ୍କୁ ମାମୁ ଘର ପାଖରେ ଛାଡିଦେବାକୁ କହି ବାଇକ୍‌ରେ ବସାଇ ନେଇ ଯାଇଥିଲେ। ମାତ୍ର ମାମୁ ଘରକୁ ନେବା ପରିବର୍ତ୍ତେ ଛୋଟାକରି ମହାଦେବ ମନ୍ଦିର ରାସ୍ତାରେ ଥିବା ଏକ ସୋଠ (ସିମେଣ୍ଟ ପାଇପ) ଭିତରକୁ ନେଇ ବଳାତ୍କାର କରିଥିଲେ। ଯୁବତୀ ଚିତ୍କାର କରିବାରୁ ନିକଟ ବିଲରେ କାମ କରୁଥିବା ଜଣେ ମହିଳା ଗ୍ରାମବାସୀଙ୍କୁ ଡାକ ପକାଇଥିଲେ। ସ୍ଥାନୀୟ ଗ୍ରାମବାସୀ ପହଞ୍ଚି ୨ ଯୁବକଙ୍କୁ କାବୁ କରିବା ସହ ଯୁବତୀଙ୍କୁ ଉଦ୍ଧାର କରି ତାଙ୍କ ଘରକୁ ଖବର ଦେଇଥିଲେ। ପରେ ଯୁବକ ଦ୍ୱୟଙ୍କୁ ପୋଲିସ ଜିମା ଦିଆଯାଇଥିଲା। ଏନେଇ ପୀଡ଼ିତାଙ୍କ ବାପା ବିଞ୍ଝାରପୁର ଥାନାରେ ଲିଖିତ ଏତଲା ଦେବା ପରେ ପୋଲିସ ନଂ.୪୨୭/୨୦୨୩ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ମାମଲାର ବୃତ୍ତାନ୍ତ ଶୁଣାଣି କରି ୧୩ଜଣ ସାକ୍ଷୀଙ୍କ ସାକ୍ଷ୍ୟ ଓ ପ୍ରମାଣକୁ ଆଧାର କରି ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ଏହି ମାମଲାକୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପାର୍ଥ ସାରଥୀ ରାୟ ପରିଚାଳନା କରୁଥିଲେ।

## କୃଷି ଯନ୍ତ୍ରପାତିର ବ୍ୟବହାରରେ ମେଳା ସହାୟକ ହେବ

ଯାଜପୁର ଟାଉନ,୨୭।୧୨ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)





ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳାରେ ଯୋଗଦେଇଥିବା ଅତିଥି।

**ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ**

ଯାଜପୁର ଜିଲ୍ଲା କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ କୁସୁମା ସମ୍ମୁଖ ପଡ଼ିଆଠାରେ ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ ହୋଇଯାଇଛି।

ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଏମ୍‌ପି ଡା. ରବୀନ୍ଦ୍ର ନାରାୟଣ ବେହେରା ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବଡ଼ଚଣା ବିଧାୟକ ଅମର କୁମାର ନାୟକ, ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ସୁନୀଲ ମହାପାତ୍ର, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଅରୁଣ ବେହେରା, ଯାଜପୁର ରୋଡ ଜିଲ୍ଲା କୃଷି ଅଧିକାରୀ ଅରୁଣ କୁମାର ପାତ୍ର ଓ କେନ୍ଦ୍ରାପଡ଼ା କୃଷି କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ସଞ୍ଜୀବ କୁମାର ତ୍ରିପାଠୀ ଯୋଗଦେଇ ଚାଷୀଙ୍କୁ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ସଚେତନ କରିଥିଲେ। ଆଧୁନିକ ବୈଷୟିକ ଜ୍ଞାନକୌଶଳ ଓ କୃଷି ଯନ୍ତ୍ରପାତିର ବ୍ୟବହାର ମାଧ୍ୟମରେ ଚାଷୀ ଚାଷ କ୍ଷେତ୍ରରେ କିପରି ଉନ୍ନତି କରିପାରିବେ ସେ ସମ୍ପର୍କରେ ଏହି ମେଳା ବିଶେଷ ସହାୟକ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ମେଳାରେ ଉଦ୍ୟାନ କୃଷି, ପ୍ରାଣୀ ସମ୍ପଦ, ମତ୍ସ୍ୟ, ଜଳ ବିଭାଜିକା, ଆଗ୍ରୋ ଇଣ୍ଡଷ୍ଟ୍ରି କର୍ପୋରେଶନ, ଇଫ୍‌କୋ, ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ମିଶନ ଶକ୍ତି, ଆଇପିଏଲ ସୁଗାର ଆଦି ଅଂଶଗ୍ରହଣ କରିଛନ୍ତି। ଘରୋଇ କୃଷି ଯନ୍ତ୍ରପାତି ବିକ୍ରେତାଙ୍କ ପାଇଁ ୪୨ ଷ୍ଟଲ୍ ଓ ସରକାରୀ ବିଭାଗ ପାଇଁ ୩୬ ଷ୍ଟଲ୍ ବ୍ୟବସ୍ଥା କରାଯାଇଛି। କୃଷକଙ୍କୁ ବିଭିନ୍ନ ଆଧୁନିକ କୃଷି କୌଶଳ ସମ୍ବନ୍ଧରେ ଅବଗତ ପାଇଁ ୧୨ କୃଷକ ବୈଜ୍ଞାନିକ ଆଲୋଚନାଚକ୍ରର ବ୍ୟବସ୍ଥା କରାଯାଇଛି। ପ୍ରତ୍ୟେକ ଦିନ ଆଲୋଚନାଚକ୍ରରେ ୧୦୦ କୃଷକ ଅଂଶଗ୍ରହଣ କରିବେ। ଜିଲ୍ଲାର ସମସ୍ତ ବ୍ଲକରୁ ୧୧୦୦ କୃଷକ ମେଳା ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି।

୨୦୨୩-୨୪ ଆର୍ଥିକ ବର୍ଷରେ ସର୍ବାଧିକ ରିହାତି ଉପଯୋଗ କରିଥିବା ଘରୋଇ କୃଷି ଯନ୍ତ୍ରପାତି ବିକ୍ରେତାଙ୍କୁ ସମ୍ବର୍ଦ୍ଧିତ କରାଯିବ। ବୃହତ୍ ଉଠା ଜଳସେଚନ ପ୍ରକଳ୍ପ ସେଚାଞ୍ଚଳରେ ଫସଲ ବିବିଧିକରଣ ଯୋଜନା ଆନୁକୂଲ୍ୟରେ ୨୦୨୨-୨୩ଠାରୁ ୨୦୨୪-୨୫ ମଧ୍ୟରେ ୬୦ ସଫଳ କୃଷକଙ୍କୁ ଅର୍ଥରାଶି ସହ ସମ୍ବର୍ଦ୍ଧିତ କରାଯିବାର ବ୍ୟବସ୍ଥା କରାଯାଇଛି। ମୁଖ୍ୟମନ୍ତ୍ରୀ ଅଭିନବ କୃଷି ଯନ୍ତ୍ରପାତି ସମ୍ମାନ ଯୋଜନା ଆନୁକୂଲ୍ୟରେ ୨୦୨୩-୨୪ ବର୍ଷ ପାଇଁ ୪ କୃଷକଙ୍କୁ ନୂତନ ଯନ୍ତ୍ରପାତି ସମ୍ବନ୍ଧୀୟ ଉଦ୍ଭାବନ ଏବଂ ନୂତନ ଚିନ୍ତାଧାରା ପାଇଁ ଅର୍ଥରାଶି ସହ ସମ୍ବର୍ଦ୍ଧିତ କରାଯିବାର ବ୍ୟବସ୍ଥା କରାଯାଇଛି।

୨୦୨୪-୨୫ ଆର୍ଥିକ ବର୍ଷରେ ଅଦ୍ୟାବଧି ୮.୫ କୋଟି ଟଙ୍କାର ରିହାତି ରାଶି କୃଷି ଯନ୍ତ୍ରପାତି କ୍ରୟ ବାବଦକୁ ପ୍ରଦାନ କରାଯାଇଥିବାବେଳେ ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳାରେ ୪.୫ କୋଟି ଟଙ୍କା ରିହାତିରେ ବିଭିନ୍ନ କୃଷି ଯନ୍ତ୍ରପାତି ସଳଖ ରିହାତି (ଡିବିଟି) ମାଧ୍ୟମରେ ପ୍ରଦାନ କରାଯିବ। ଓଡ଼ିଶା ଆଗ୍ରୋ ଇଣ୍ଡଷ୍ଟ୍ରି କର୍ପୋରେସନ ଦ୍ୱାରା ହିତାଧିକାରୀଙ୍କୁ ରିହାତିରେ ଟ୍ରାକ୍ଟର ହସ୍ତାନ୍ତର କରାଯିବ। ମେଳା ଅବସରରେ ଓଡ଼ିଶା ମିଲେଟ ମିଶନ ଦ୍ୱାରା ଏକ ଖାଦ୍ୟ ଉତ୍ସବ କରାଯାଉଛି। ପ୍ରତିଦିନ ପୂର୍ବାହ୍ନ ୧୦ଟାରୁ ରାତି ୯ଟା ଯାଏ ଷ୍ଟଲ୍ ଖୋଲା ରହିବ। ସନ୍ଧ୍ୟାରେ ସ୍ଥାନୀୟ ସାଂସ୍କୃତିକ ଅନୁଷ୍ଠାନଗୁଡ଼ିକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ। ମେଳାରେ ଅଂଶଗ୍ରହଣକାରୀ କୃଷି ଯନ୍ତ୍ରପାତି ବିକ୍ରେତା, ବିଭାଗ ଏବଂ ଏଫ୍‌ଆଇଏସ୍‌ଙ୍କୁ ପୁରସ୍କାର ବିତରଣ କରାଯିବ।

# କ୍ଷେତ ବୁଲିଲେ ବିଧାୟକ, ଚେତିଲା ବିଭାଗ

**ଜଗତ୍‌ସିଂହପୁର ଅଫିସ, ୨୭।୧୨ (ପ୍ରମୋଦ କୁମାର ନାୟକ)**

- ଜଗତ୍‌ସିଂହପୁର ଜିଲାରେ ଉଜୁଡ଼ିଲା ଫସଲ
- ୩୦ ସୁଦ୍ଧା କ୍ଷୟକ୍ଷତି ଆକଳନ ପାଇଁ ଅନୁଧ୍ୟାନ ଆରମ୍ଭ

ଜଗତ୍‌ସିଂହପୁର ଜିଲାରେ ୨୦ ତାରିଖରେ ହୋଇଥିବା ଲଘୁଚାପଜନିତ ବର୍ଷାରେ ଅନେକ କ୍ଷୟକ୍ଷତି ହୋଇଥିଲା। ୨୨ ଓ ୨୩ ତାରିଖରେ ପାଗ ଶୁଖିଲା ହେବାରୁ ଚାଷୀ କେତେକାଂଶରେ ଆଶ୍ୱସ୍ତ ହୋଇଥିଲା। କିନ୍ତୁ ପୁଣି ୨୪ ତାରିଖରୁ ୨ ଦିନ ଧରି ବର୍ଷା ହେବାରୁ ଚାଷୀଙ୍କ ମେରୁଦଣ୍ଡ ଏକପ୍ରକାର ଭାଙ୍ଗିଯାଇଛି। ଜିଲାର ପ୍ରାୟତଃ ବିଲରେ ପାଣି ଜମି ରହିଛି। ଧାନ ସମେତ ପନିପରିବା ଓ ଅନ୍ୟ ଫସଲ କ୍ଷତିଗ୍ରସ୍ତ ହୋଇଛି। ଏ ପରିସ୍ଥିତିରେ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ନିର୍ବାଚନମଣ୍ଡଳୀର କ୍ଷେତ ପରିଦର୍ଶନ କରି ଚାଷୀଙ୍କୁ ଆଶ୍ୱାସନା ଦେଇଛନ୍ତି। ଏଥିସହ କ୍ଷେତରୁ ଧାନ ଧରି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଅତିରିକ୍ତ ଜିଲାପାଳ ଓ ଜିଲା ମୁଖ୍ୟ କୃଷି ଅଧିକାରୀଙ୍କୁ ଦେଖାଇ ଚାଷୀଙ୍କ ଦୁଃଖ ବିଷୟରେ ଅବଗତ କରିଛନ୍ତି। ବଡ କଥା ହେଲା, ବିଧାୟକ ଏସବୁ କଲାପରେ କୃଷି ବିଭାଗ ଚେଇଁ ଉଠିଛି। ଗୁରୁବାରଠାରୁ କ୍ଷୟକ୍ଷତି ଆକଳନ ପାଇଁ ଉଭୟ କୃଷି ଓ ରାଜସ୍ୱ ବିଭାଗ ପକ୍ଷରୁ ମିଳିତ ଅନୁଧ୍ୟାନ ଆରମ୍ଭ ହୋଇଛି। ଏହା ୩୦ ତାରିଖ ସୁଦ୍ଧା ସରିବ ବୋଲି କୁହାଯାଇଛି । ଏ ସମ୍ପର୍କରେ ବିଧାୟକ ଦାସ କହିଛନ୍ତି, ସେ ଯେତେବେଳେ ଯାହାନପୁର ଓ ମଣ୍ଡାସାହି ଆଦି ପଞ୍ଚାୟତର ବିଭିନ୍ନ ବିଲକୁ ଯାଇଥିଲେ ସେତେବେଳେ ଚାଷୀ କାନ୍ଦି ପକାଇଥିଲେ। ବଡ କଥା ହେଲା ୮୦% ହେଉଛନ୍ତି ଭାଗଚାଷୀ। ଏମାନଙ୍କ ସମେତ ଅନ୍ୟ ଚାଷୀ ଧାରକରଜ କରି ଧାନ, କୋବି, ବିନ୍ସ, ଆଳୁ ଆଦି ପନିପରିବା ଓ ଅନ୍ୟ ଫସଲ କରିଥିଲେ। ବର୍ଷାରେ ସବୁ ଉଜୁଡି ଯାଇଥିବା କହି ସେମାନଙ୍କ ଅସହାୟତା କଥା ବଖାଣିଥିଲେ। ଏ ପରିସ୍ଥିତିରେ ସେମାନଙ୍କୁ ବୁଝାଇବା ସହ ବିଲ୍‌ରେ ପଶି ବିଭିନ୍ନ ପ୍ରକାର ଧାନ ନମୁନା ସଂଗ୍ରହ କରିଥିଲେ। ସେଥିମଧ୍ୟରୁ କେଉଁଠି ଗଜା ତ ଆଉ କେଉଁଠି ବେରଙ୍ଗ ହୋଇ ଯାଇଥିଲା। ଏପରି କି କେତେକ ସ୍ଥାନରେ ଧାନ ଓ ଫସଲରେ ପୋକ ଲାଗିଥିବା ଦେଖାଯାଇଥିଲା। ଏସବୁ ନମୁନା ସଂଗ୍ରହ କରି ସେ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। କିନ୍ତୁ ଜିଲାପାଳ ପାରାଦୀପ ଯାଇଥିବାରୁ ଅତିରିକ୍ତ ଜିଲାପାଳ ଓ ଜିଲା ମୁଖ୍ୟ କୃଷି ଅଧିକାରୀ (ସିଡିଏଓ)ଙ୍କୁ ଡାକି ନମୁନା ଦେଖାଇଥିଲେ। ତହସିଲଦାରଙ୍କ ଅନୁପସ୍ଥିତିରେ ଅତିରିକ୍ତ ତହସିଲଦାର ପହଞ୍ଚିଥିଲେ। ପ୍ରତ୍ୟେକଙ୍କୁ ସବୁ ବିଷୟରେ ଅବଗତ କଲାପରେ ଅନୁଧ୍ୟାନ ପାଇଁ ତତ୍ପରତା ପ୍ରକାଶ ପାଇଥିଲା। ଅର୍ଥାତ୍ କୃଷି ଓ ରାଜସ୍ୱ ବିଭାଗର କର୍ମଚାରୀମାନେ ଭିଏଲ୍‌ଡବ୍ଲ୍ୟୁ ଓ ଆର୍‌ଆଇ ପ୍ରମୁଖ କ୍ଷୟକ୍ଷତି ଆକଳନ ପାଇଁ କ୍ଷେତ୍ରକୁ ବାହାରି ପଡିଥିଲେ। ତେବେ ଏଥର ଭାଗଚାଷୀଙ୍କୁ କ୍ଷତିପୂରଣ ଦେବା ପାଇଁ ବ୍ୟବସ୍ଥା ହେଉଛି। ସେମାନେ ଅଣ୍ଡରଟେକିଂ କଲାପରେ ତଦନ୍ତ ଆଧାରରେ କ୍ଷତିପୂରଣ ବ୍ୟବସ୍ଥା ହେବ ବୋଲି ଅତିରିକ୍ତ ଜିଲାପାଳ ସୂଚନା ଦେଇଥିବା ବିଧାୟକ କହିଛନ୍ତି।



ବିଧାୟକ ଅମରେନ୍ଦ୍ର ଦାସ ଚାଷୀଙ୍କ ନଷ୍ଟ ହୋଇଯାଇଥିବା ଧାନଫସଲ ଦେଖୁଛନ୍ତି।

ଚଳିତ ଖରିଫ ଋତୁରେ ଜଗତ୍‌ସିଂହପୁର ଜିଲାରେ ପାଖାପାଖି ୮୫,୨୦୦ ହେକ୍ଟର ବିଲରେ ଧାନ ଚାଷ ହୋଇଛି। ଧାନ ଭଲ ହୋଇଥିବାରୁ ଚାଷୀ ମନରେ ଖୁସି ଭରି ଯାଇଥିଲା। କିନ୍ତୁ ଠିକ୍ ଅମଳ ପୂର୍ବରୁ ଅଦିନିଆ ବର୍ଷା ଚାଷୀ ମୁଣ୍ଡରେ ଚଡକ ପକାଇ ଦେଇଛି। ୧ ସପ୍ତାହ ମଧ୍ୟରେ ପୃଥକ୍ ଭାବେ ୪ ଦିନ ବର୍ଷା କାରଣରୁ ଜିଲାର ପ୍ରାୟତଃ ବିଲରେ ଏବେ ପାଣି ଜମି ରହିଛି। ଯାହା ଚାଷୀ ମନରେ ନିରାଶ ଭରି ଦେଇଛି। ଏ ପରିସ୍ଥିତିରେ ଚାଷୀମାନେ କ'ଣ କରିବେ ଚିନ୍ତାରେ ପଡିଛନ୍ତି। ଆର୍ଦ୍ରତା କାରଣରୁ ଧାନ ଗଜା ହୋଇଯାଉଛି। ଯେଉଁଗୁଡିକ ଛିଡା ହୋଇଛି ସେଗୁଡିକ ପାଇଁ ସେତେଟା ବିପଦ ନାହିଁ। ଜିଲାରେ ପାଣି ଜମି ବହୁ ସ୍ଥାନରେ ଧାନ କଳା ପଡ଼ିବାରେ ଲାଗିଛି। ଏବେ ପାଗରେ ସୁଧାର ଆସିଥିଲେ ସୁଦ୍ଧା ବିଲରେ ମେଶିନ୍ ପଶିବା ସହଜ ହେବନାହିଁ। ଯଦିଓ କାଦୁଅରେ ଟ୍ରେଲର ଭଳି କମ୍ବାଇନ୍‌ଡ ହାର୍ଭେଷ୍ଟର ପଶିପାରିବ କିନ୍ତୁ ପାଣି ବିଲରୁ ନିଗିଡିବା ଦରକାର। ଆର୍ଦ୍ରତା ଥିଲେ ଏହି ମେଶିନ୍ ବିଲରେ ଧାନ ହଳାଗୁଡ଼ାଇ ହୋଇଯିବ। ଶୁକ୍ରବାରଠାରୁ ବର୍ଷା ନ ହୋଇ ଖରା ହେଲେ କିଛିଟା ଧାନ ଅମଳ କରାଯାଇପାରିବ। ପୁଣି ବର୍ଷା ହେଲେ ଶତ ପ୍ରତିଶତ ଧାନ ଓ ପନିପରିବା ନଷ୍ଟହୋଇଯିବ ବୋଲି କେତେଜଣ କୃଷି ବିଶେଷଜ୍ଞ ମତପ୍ରକାଶ କରିଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ରୁପାଲି



@ ବଳରାମ



@ ମାନସ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଫସଲ ନଷ୍ଟରେ ମୃତ ଚାଷୀଙ୍କ ପରିବାରକୁ ଭେଟିଲେ କୃଷକ ନେତା



ମୃତ ଚାଷୀଙ୍କ ପରିବାରକୁ କୃଷକ ନେତା ଭେଟୁଛନ୍ତି।

**ଡେରାବିଶ, ୨୭।୧୨(ବେବର୍ତ୍ତା ଅଜୟ ଦାସ)**

ଲଘୁଚାପଜନୀତ ଅଦିନିଆ ବର୍ଷା ପାଣିରେ ନିଜ ବିଲରେ ଅମଳକ୍ଷମ ଧାନ ନଷ୍ଟ ହୋଇଯାଇଥିବା ଦେଖି ହଠାତ ହୃଦ୍‌ଘାତର ଶିକାର ହୋଇ ଡେରାବିଶ ବ୍ଲକ ଅନ୍ତର୍ଗତ ସଞ୍ଚପୁରା ଗ୍ରାମର ଗରିବ ଚାଷୀ ଭାବଗ୍ରାହୀ ମଲିକଙ୍କ ବୁଧବାର ମୃତ୍ୟୁ ହୋଇଥିଲା। ପରିବାରର ଏକମାତ୍ର ରୋଜଗାରକ୍ଷମ ଭାଗଗ୍ରାଗୀଙ୍କ ଏପରି ଅକାଳ ମୃତ୍ୟୁରେ ତାଙ୍କ ପରିବାର ଅସହାୟ ହୋଇଯାଇଛି। ଏହି ଦୁଃଖଦ ଖବର ପାଇଁ ଶୁକ୍ରବାର କୃଷକ ବିକାଶ ସମବାୟ ସମିତି ସଭାପତି ପ୍ରମୋଦ କୁମାର ସାହୁ ଉକ୍ତ ପରିବାରକୁ ଭେଟି ସମବେଦନା ଜଣାଇବା ସହ ସହାୟତାର ହାତ ବଢ଼ାଇଛନ୍ତି। ସାହୁଙ୍କ ସହ ସମବାୟ ସମିତି ନିର୍ଦ୍ଦେଶକ ମହେଶ୍ୱର ଜେନା ଓ ଚାଷୀ ବସନ୍ତ ଦାସ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ। ସୁଚନାଯୋଗ୍ୟ ଆର୍ଥିକ ଦୁରାବସ୍ଥା ମଧ୍ୟରେ ଗତି କରୁଥିବା ଭାବଗ୍ରାହୀ ନିଜର ସ୍ୱଳ୍ପ ଜମି ସହ ଗ୍ରାମର କେତେଜଣ ବ୍ୟକ୍ତିଙ୍କ ୭ ଏକର ଜମିରେ ଧାର କରଜ କରି ଭାଗଚାଷ କରିଥିଲେ। ଚଳିତ ବର୍ଷ ଭଲ ଧାନ ହୋଇଥିବା ବେଳେ ଅମଳ ସମୟରେ ବର୍ଷା ପାଇଁ କଟାଯାଇଥିବା ଧାନ ବିଲରେ ଜମି ରହିଥିବା ପାଣିରେ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। କ୍ଷେତକୁ ଅମଳକ୍ଷମ ଧାନ ନଷ୍ଟ ହୋଇଯିବା ଦେଖି ଭାଗଗ୍ରାହୀ ଦୁଃଖରେ ଭାଙ୍ଗି ପଡିଥିଲେ। କିପରି କରଜ ଶୁଝିବେ ଏ ନେଇ ଅଧିକ ଚିନ୍ତାଗ୍ରସ୍ତ ହୋଇଥିବା ଭାବଗ୍ରାହୀଙ୍କ ଛାତିରେ ଯନ୍ତ୍ରଣା ଅନୁଭବ ହେବାକୁ ତାଙ୍କୁ ସାଙ୍ଗେ ସାଙ୍ଗେ ଚିକିତ୍ସା ପାଇଁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଜଣେ ଗରିବ ଚାଷୀ ଏପରି ମୃତ୍ୟୁ ଘଟିଥିଲେ ସୁଦ୍ଧା ରାଜସ୍ୱ ବିଭାଗର ନିଷ୍କ୍ରିୟତାକୁ ନେଇ ସାହୁ ତୀବ୍ର ସମାଲୋଚନା କରିଛନ୍ତି। ଏଥିସହ ଏହି ପରିବାରକୁ ୨୦ ଲକ୍ଷ ଟଙ୍କାର କ୍ଷତିପୂରଣ ଦେବା ପାଇଁ ସରକାରଙ୍କ ନିକଟରେ ସାହୁ ଦାବି କରିଛନ୍ତି।

## ପାଣି ପାଇପ ପାଇଁ ରାସ୍ତା ମଝି ଢଳେଇକୁ ତାଡ଼ିଦେଲେ

- ବର୍ଷେ ତଳେ ୯ କୋଟି ବ୍ୟୟରେ ନିର୍ମିତ ହୋଇଥିଲା
- ବେଡ଼ାରୀ- କୂଳତୁଠି ଗ୍ରାମର ସାଢ଼େ ୪ କି.ମି. ରାସ୍ତା

**ପାଟକୁରା, ୨୭।୧୨(ରବୀନ୍ଦ୍ର ନାଥ ବାରିକ)**



କେନ୍ଦ୍ରାପଡ଼ା ଜିଲା ଗରଦପୁର ବ୍ଲକ ଅଧୀନ ବେଡାରୀ ଗ୍ରାମ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ବର୍ଷେ ହେବ ଢଳେଇ ରାସ୍ତାରେ ନିର୍ମାଣ ହୋଇଥିଲା। ପାଟକୁରାର ପୂର୍ବତନ ବିଧାୟକ ସାବିତ୍ରୀ ଅଗ୍ରୱାଲାଙ୍କ ଚେଷ୍ଟାରେ ୯ କୋଟି ଟଙ୍କା ବ୍ୟୟରେ ସାଢେ ୪ କି.ମି. କେନ୍ଦ୍ରାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ ଏହି ରାସ୍ତା ନିର୍ମାଣ କରିଛି। ଅନେକ ବର୍ଷର ଦାବି ଫଳରେ ଏହି ରାସ୍ତା ନିର୍ମାଣ ହୋଇଥିଲା। ଏବେ ରାସ୍ତାର ସ୍ଥାୟିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କାରଣ ପାଣି ପାଇପ ବିଛାଇବା ଲାଗି ଜେସିବି ଲଗାଇ ଢଳେଇ ରାସ୍ତାର ମଝିକୁ ଫଟାଇ ତାଡ଼ି ଦିଆଯାଇଛି। ଏ ସମ୍ପର୍କରେ ପୂର୍ବତନ ସରପଞ୍ଚ ଗୋକୁଳାନନ୍ଦ ବେହେରା, ରବୀନ୍ଦ୍ର ନାଥ ବାରିକ, ଧ୍ରୁବ ଚରଣ ସାହୁ, ଅକ୍ଷୟ ବେହେରା, ପ୍ରମୋଦ ସାହୁ, ବିସ୍ମୟ ଖୁଣ୍ଟିଆ ଢଳେଇ ତାଡୁଥିବା ଲୋକଙ୍କୁ ପଚାରିଲେ କେହି କିଛି ଶୁଣୁ ନାହାନ୍ତି।

ବେଡାରୀ ଗାଁ ଦେଇ ମେଘା ପାନୀୟ ଜଳ ପ୍ରକଳ୍ପର ପାଇପ ବିଛା କାର୍ଯ୍ୟ ହେବ। ତହସିଲଦାରଙ୍କ ନିର୍ଦ୍ଦେଶରେ ରାସ୍ତା ମାପଚୁପ କରି ଏହି ପାଇପ ରାସ୍ତାର ଗୋଟିଏ ପାର୍ଶ୍ୱରେ ନିଆଗଲେ ଗ୍ରାମ ଉନ୍ନୟନ ରାସ୍ତା ଉପରେ କୌଣସି କ୍ଷତି ପହଞ୍ଚିବ ନାହିଁ। ହେଲେ ମନଇଚ୍ଛା ରାସ୍ତା ମାପଚୁପ ନ କରି ରାସ୍ତାର ମଝି ଢଳେଇ ଫଟାଇ ପାଇପ ବିଛା କାର୍ଯ୍ୟ ଚାଲିଛି। ଫଳରେ ରାସ୍ତାର ସ୍ଥାୟିତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପାଇପ ବିଛା ବେଳେ ଇଞ୍ଜିନିୟର ମଧ୍ୟ ଉପସ୍ଥିତ ରହୁନାହାନ୍ତି। ଢଳେଇ ଖୋଳିବା ସମୟରେ ଜେସିବି ବାଜି ପାନୀୟ ଜଳ ଯୋଗାଣ ପାଇପ ଅନେକ ଜାଗାରେ ଫୁଟି ଯାଉ ପାଣି ଲିକ ହେଉଥିବା ଦେଖିବାକୁ ମିଳୁଛି। ଢଳେଇ ରାସ୍ତା କଡରେ ସରକାରୀ ଜାଗା ଥିବା ସତ୍ତ୍ୱେ ଜାଗା ନ ମାପି ଢଳେଇ ଫଟାଇବାର କାରଣ କିଛି ଜଣାପଡୁନାହିଁ। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀ ମନୋଜ ଷଡଙ୍ଗୀଙ୍କୁ ପଚାରିବାରେ ଗ୍ରାମ୍ୟ ପାନୀୟ ଜଳ ଓ ପରିମଳ ବିଭାଗର ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀଙ୍କ ସହ ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ଓ କନିଷ୍ଠ ଯନ୍ତ୍ରୀଙ୍କର ଗୋଟିଏ ମିଟିଂ ହୋଇଥିଲା। ପାଇପ ବିଛା ହେବା ପୂର୍ବରୁ ଗ୍ରାମ୍ୟ ଉନ୍ନୟନ ବିଭାଗର ଅନୁମତି ଓ ନିର୍ଦ୍ଦେଶରେ ରାସ୍ତା ପାର୍ଶ୍ୱରେ ଖୋଳାଯାଇ ପାଇପ ପଡ଼ିବ ବୋଲି ସ୍ଥିର ହୋଇଥିଲା। କିନ୍ତୁ ଏହି ନିଷ୍ପତ୍ତିକୁ ଗ୍ରାମ୍ୟ ପାନୀୟ ଜଳଯୋଗାଣ ଓ ପରିମଳ ବିଭାଗ ବେଖାତିର କରିବାରୁ ରାସ୍ତା ନଷ୍ଟ ହୋଇଗଲା। ଏହା ଉପରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସେ କହିଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଉପରୋକ୍ତ ବ୍ୟକ୍ତି ବିଶେଷ ଦାବି କରିଛନ୍ତି।

## ପିଉସୀ ଓ ନାବାଳିକା ଝିଅାରୀଙ୍କୁ ବଳାତ୍କାର ଅଭିଯୋଗ, ୨ ଭାଇ ଗିରଫ

**ଡେରାବିଶ, ୨୭।୧୨ (ବେବର୍ତ୍ତା ଅଜୟ ଦାସ)**

ଡେରାବିଶ ଥାନା ଅଞ୍ଚଳରେ ଏକ ଅଭାନବୀୟ ଘଟଣା ଘଟିଛି। ବିବାହର ପ୍ରଲୋଭନ ଦେଖାଇ ଅଭିଯୁକ୍ତ ଦୁଇ ଭାଇ ପିଉସୀ ଓ ତାଙ୍କ ନାବାଳିକା ଝିଅାରୀଙ୍କ ସହ ଅସଦାଚରଣ କରିବା ସହ ବଳାତ୍କାର କରିଥିବା ନେଇ ଥାନାରେ ଶୁକ୍ରବାର ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ. ୧୭୯/୨୪ରେ ମାମଲା ରୁଜୁ କରି ଅଭିଯୁକ୍ତ ୨ ଭାଇଙ୍କୁ ଗିରଫ କରିଛି। ଭାରତୀୟ ନ୍ୟାୟ ସଂହିତାର ବିଭିନ୍ନ ଦଫା ଲଗାଇ ସନ୍ଧ୍ୟାରେ କୋର୍ଟ ଚାଲାଣ କରିଥିବା ପୋଲିସ ସୂଚନା ଦେଇଛି। ଅଭିଯୋଗ ଅନୁଯାୟୀ ଅଭିଯୁକ୍ତ ବଡ଼ ଭାଇ ପିଉସୀଙ୍କୁ ବିବାହ ପ୍ରଲୋଭନ ଦେଖାଇ ତାଙ୍କ ସହ ଦୀର୍ଘଦିନ ହେଲା ଶାରିରୀକ ସମ୍ପର୍କ ରଖିଥିଲେ। ପରେ ସେ ବିବାହ କରିବାକୁ ଅଭିଯୁକ୍ତଙ୍କୁ ମନା କରି ଦେଇଥିଲେ। ଏଥିସହ ଗତ ୨୨ ତାରିଖ ସନ୍ଧ୍ୟାରେ ନିରୋଳା ଦେଖି ଅଭିଯୁକ୍ତଙ୍କ ସାନଭାଇ ନାବାଳିକା ଝିଅାରୀଙ୍କୁ ଯୋର ଜବରଦସ୍ତ ଟେକି ନେଇ ବଳାତ୍କାର କରିଥିଲେ। ଏ ବିଷୟରେ କାହାରି କି ଜଣାଇଲେ ସେମାନଙ୍କୁ ଜୀବନରେ ମାରି ଦେବାକୁ ସାନଭାଇ ଧମକ ଦେଇଥିବା ତାଙ୍କ ପିଉସୀ ଥାନାରେ ଦେଇଥିବା ଅଭିଯୋଗରେ ଉଲ୍ଲେଖ କରିଛନ୍ତି।

## ଅବକାରୀ ବିଭାଗ ସ୍କ୍ୱାଡ୍ ଚଢ଼ାଉ ବେଳେ ମଦ ବ୍ୟବସାୟୀଙ୍କ ଆକ୍ରମଣ

**ପଟ୍ଟାମୁଣ୍ଡାଇ, ୨୭।୧୨ (କଳ୍ପତରୁ ନାୟକ)**

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ସହରରେ ଚୋରାରେ ମଦ ବିକ୍ରି ହେଉଥିବା ଖବର ପାଇ ଶୁକ୍ରବାର ପଟ୍ଟାମୁଣ୍ଡାଇ ଅବକାରୀ ବିଭାଗ କର୍ମଚାରୀ ନୂଆଗାଁରେ ଚଢ଼ାଉ କରିଥିଲେ। ମଦ ଜବତ ସମୟରେ ଅବକାରୀ ସ୍କ୍ୱାଡ୍ ଉପରେ ମଦ ବ୍ୟବସାୟୀ ଆକ୍ରମଣରେ ୨ଜଣ ଅବକାରୀ ନିରୀକ୍ଷକ ଗୁରୁତର ଆହତ ହୋଇଥିବାବେଳେ ଜଣେ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, କେନ୍ଦ୍ରାପଡ଼ା ଜିଲା ଅବକାରୀ ବିଭାଗ ନିର୍ଦ୍ଦେଶକ୍ରମେ ପଟ୍ଟାମୁଣ୍ଡାଇ ଅବକାରୀ ସ୍କ୍ୱାଡ୍ ପଟ୍ଟାମୁଣ୍ଡାଇ ସହର ପାଖ ନୂଆଗାଁରେ ଚଢାଉ କରିଥିଲା। ଏହି ଚଢ଼ାଉରେ ପ୍ରାୟ ୧୫ ଲିଟର ଦେଶୀମଦ ସହ ଏକ ସ୍କୁଟିକୁ ଜବତ କରିଥିଲା। ଏଥିରେ ମଦ ବ୍ୟବସାୟୀ ଉତକ୍ଷିପ୍ତ ହୋଇ ଅବକାରୀ ନିରୀକ୍ଷକଙ୍କୁ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ଅବକାରୀ ସବ-ଇନ୍ସପେକ୍ଟର ନରେଶ ପଣ୍ଡାଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗିଛି। ଏଏସ୍‌ଆଇ ସୁନୀଲ ମିଶ୍ର, ଲିକନ ପ୍ରଧାନ ମଧ୍ୟ ଆହତ ହୋଇଥିଲେ। ସବ୍ ଇନ୍ସପେକ୍ଟର ପଣ୍ଡା ପଟ୍ଟାମୁଣ୍ଡାଇ ଉପଖଣ୍ଡ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ପରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଏତଲା ଦେଇଥିଲେ ବୋଲି କହିଛନ୍ତି। ପୋଲିସ ବ୍ୟବସାୟୀଙ୍କ ବିରୋଧରେ ନଂ. ୩୭୧/୨୪ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।





ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମ ଶତବାର୍ଷିକୀ ସହରର ଗୋପସ୍ଥିତ କମଳ ଭବନରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଭାଜପା ନେତା ଭୂବନ ମୋହନ ଜେନା ଅଧ୍ୟକ୍ଷତା କରିଥିବା ବେଳେ ଅନ୍ୟମାନେ ଉପସ୍ଥିତ ଥିଲେ।

## ରଙ୍ଗତୂଳୀର ସ୍ୱର୍ଶରେ ଯୁବ ତରଙ୍ଗ ଉଦ୍‌ଘାଟନ

**କେନ୍ଦ୍ରାପଡ଼ା, ୨୭।୧୨ (ଜଗନ୍ନାଥ ଧଳ)**

ଡେରାବିଶ ବ୍ଲକ ଉଦୟନଗରସ୍ଥିତ ଜିଲା ସଂସ୍କୃତି ଭବନ ପରିସରରେ ସିମ୍ଫୋନି ପକ୍ଷର ସାଂସ୍କୃତିକ ମହୋତ୍ସବ ଯୁବ ତରଙ୍ଗ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ସମ୍ମାନିତ ଅତିଥି ଭାବେ କଥାକାର ରାମଚନ୍ଦ୍ର ବେହେରା, ପ୍ରାଧ୍ୟାପକ ଦେବେନ୍ଦ୍ର କୁମାର ଦାସ, କବି ଡ. ଅପର୍ଣ୍ଣା ମହାନ୍ତି ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ସଭାପତି ନବଜ୍ୟୋତି ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନବପର୍ବ କବିତା ପାଠ, ସଙ୍ଗୀତ, ନୃତ୍ୟ ଓ ମିଳିତ ଅଭିନୟ ପରିବେଷଣ ହୋଇଥିଲା। ସେହିପରି ଗଳ୍ପ, ଚିତ୍ର ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାର ପ୍ରତିଷ୍ଠିତ କବି, ସାହିତ୍ୟିକ, ପ୍ରଶାସନିକ ପଦାଧିକାରୀମାନେ ଯୋଗଦେଇ କୃତୀ ପ୍ରତିଭାଙ୍କୁ ପୁରସ୍କୃତ କରିଥିଲେ। ସିମ୍ଫୋନିର କର୍ମକର୍ତ୍ତା ହିମାଂଶୁ ପରିଡା, ପବିତ୍ର କୁମାର ସାହୁ, ମହମଦ ଜାହିଦ ଖାଁ, ପ୍ରତାପ ସ୍ୱାଇଁ, ଶାନ୍ତନୁ ମଲ୍ଲିକ, ଅଜୟ କୁମାର ପାତ୍ର, ରଞ୍ଜନ ବାଇ, ବଂଶୀଧର ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।



ଅତିଥିଙ୍କ ଗହଣରେ ପ୍ରତିଯୋଗିତାରେ ପୁରସ୍କୃତ ଛାତ୍ରୀଛାତ୍ର।

## ଏସ୍. ଏନ୍. ମହାବିଦ୍ୟାଳୟ ଶିକ୍ଷା ବିଭାଗ ଆଲୋଚନାଚକ୍ର

**ରାଜକନିକା, ୨୭।୧୨(ରବୀନ୍ଦ୍ର କୁମାର ଦାସ)**

ରାଜକନିକା ଶୈଳେନ୍ଦ୍ର ନାରାୟଣ ମହାବିଦ୍ୟାଳୟ ଶିକ୍ଷା ବିଭାଗ ପକ୍ଷରୁ ଶୀର୍ଷକ ଅଭିଳାଷ ଦୌଡ଼ରେ ମାନସିକ ସ୍ୱାସ୍ଥ୍ୟ, ପିତାମାତା କିପରି ଚାପ ନ ହୋଇ ଅଂଶୀଦାର ହୋଇପାରିବେ ସେ ସମ୍ପର୍କରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ସୁରେଖା ରାଉତଙ୍କ ସଭାପତିତ୍ୱ ଓ ଶିକ୍ଷା ବିଭାଗର ମୁଖ୍ୟ ପ୍ରଫେସର ତୃପ୍ତି ରାଉତଙ୍କ ସଂଯୋଜନାରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ମୁଖ୍ୟବକ୍ତା ଭାବେ କିଟ୍ ସ୍କୁଲର ପୂର୍ବତନ ପ୍ରକଳ୍ପ ସଂଯୋଜକ ତଥା ରେସପ୍ରୋ ସାଇଣ୍ଟିଫିକ ପ୍ରାଇଭେଟ ଲିମିଟେଡ଼ର ଗ୍ରୋଥ ଅଫିସର ସୌମ୍ୟ ପ୍ରକାଶ ବିଶ୍ୱାଳ, କିଟ୍‌ର ପିଏଚ୍‌ଡି ଛାତ୍ରୀ ପ୍ରାଚୀ ପଲାଇ, ଡ. ମିଥିଳା ଦାସ, ଡ. ଅଜୟ କୁମାର କୁଣ୍ଡ, ପ୍ରଫେସର ସଞ୍ଜୟ କୁମାର ମହାନ୍ତି ଓ ଆଇକ୍ୟୁଏସି କୋଅର୍ଡିନେଟର ଡ. ମିର୍ଜା ଇବ୍ରାହିମ ବେଗ ପ୍ରମୁଖ ଯୋଗଦେଇଥିଲେ। ପ୍ରଫେସର ସୋନାଲିକା ତରାଇ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ପ୍ରଫେସର ପ୍ରିୟଙ୍କା ମହାଳିକ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଛାତ୍ରୀ ରୋଜା ଓ ପ୍ରଜ୍ଞା ନିଜର ସନ୍ଦର୍ଭ ଉପସ୍ଥାପନା କରିଥିଲେ।

## ଧାନ ଅଭାବୀ ବିକ୍ରିର ଶିକାର ହେଉଛନ୍ତି ଚାଷୀ

### ଖୋଲିନି ମଣ୍ଡି: ଦଲାଲଙ୍କ ପାଲରେ କ୍ଷୁଦ୍ର, ମଧ୍ୟମ ଚାଷୀ

**ପଟ୍ଟାମୁଣ୍ଡାଇ, ୨୭।୧୨ (କଳ୍ପତରୁ ନାୟକ)**

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଏ ପର୍ଯ୍ୟନ୍ତ ଧାନ ମଣ୍ଡି ଖୋଲିନାହିଁ। ଲଗାଣ ବର୍ଷା ପରେ ଧାନବିଲ ବୁଡ଼ି ରହିଛି। ଗୁରୁବାର ପାଗ ଶୁଖିଲା ଥିବାରୁ କିଛି କଚଡ଼ା ଉଚ୍ଚ ସ୍ଥାନକୁ ଆସିଛି। ମାତ୍ର ଶୁକ୍ରବାରଠାରୁ ପଟ୍ଟାମୁଣ୍ଡାଇ ଅଞ୍ଚଳର ବହୁଚାଷୀ ମେଶିନରେ ଧାନକାଟି ଖୋଲା ଆକାଶ ତଳେ ଧାନବସ୍ତା ଅମଳ କରି ଜଗି ରହିଛନ୍ତି। ଚାଷୀ ଋଣ ଏବଂ କରଜ କରି ଧାନ ଅମଳ କରୁଥିବାବେଳେ ଚଳିତବର୍ଷ ସରକାରଙ୍କ ଉଚିତ ମୂଲ୍ୟ ପାଇଥିଲେ ଋଣ ଶୁଝିଥାନ୍ତେ। ମାତ୍ର ବାରମ୍ବାର ଲଘୁଚାପ ଚାଷୀଙ୍କୁ ଚିନ୍ତାରେ ପକାଇଛି। କ୍ଷେତରେ ଧାନ ଖରାବର୍ଷା ଖାଇ ଗଜା ହେବାକୁ ବସିଥିବାବେଳେ ଆଗକୁ ଆଉ ଏକ ପଶ୍ଚିମା ଝଡ଼ବର୍ଷା ଆସୁଥିବା ପାଣିପାଗ ବିଭାଗ ସୂଚନା ଦେଇଛି। ମଣ୍ଡି ଖୋଲିବା ବିଳମ୍ବ ଯୋଗୁ କ୍ଷୁଦ୍ର ଓ ମଧ୍ୟମ ବର୍ଗର ଚାଷୀ ଦଲାଲଙ୍କ ଶିକାର ହୋଇ ଧାନ ବିଲରେ ମପେଇ ଦେଉଛନ୍ତି।



ଚାଷୀଙ୍କଠାରୁ ବେପାରୀ ଧାନ କିଣି ନେଇ ଯାଉଛନ୍ତି।

ଚାଷୀ କୁଞ୍ଜବିହାରୀ ନାୟକ କହିଛନ୍ତି, ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଏବେ ୧୧,୩୦୦ ହେକ୍ଟର ଜମି ମଧ୍ୟରୁ ପ୍ରାୟ ୬୦ ଭାଗ ଜମିରୁ ଧାନ କଟା ସରିଥିବା ବେଳେ ସେଥିମଧ୍ୟରୁ ୪୦ ଭାଗ ଧାନ ମେଶିନରେ ଅମଳ ସରିଲାଣି। କାଳେ ଆଗକୁ ପୁଣି ବର୍ଷା ହେବ ଚାଷୀ ଏଭଳି ଚିନ୍ତାରେ ପଡ଼ିଥିବା ବେଳେ ପରିସ୍ଥିତିର ସୁଯୋଗ ନେଇ ବେପାରୀ ଏବଂ ମିଲର୍ସ ଚାଷୀଙ୍କଠାରୁ କ୍ଷେତରୁ କମ୍ ମୂଲ୍ୟରେ ଧାନ କିଣି ନେଉଛନ୍ତି। ମଣ୍ଡି ଖୋଲିବାରେ ବିଳମ୍ବ, କାଳେ ପୁଣି ବର୍ଷା ହେବ, ଗଜା ଭିଜା ଧାନ ସରକାର ନ କିଣିବେ, ଏଭଳି କଥାକୁ ନେଇ ଚାଷୀ ବେପାରୀଙ୍କୁ ମପେଇ ଦେଉଥିବା ଦେଖାଯାଉଛି। ଆଉ କେତେଜଣ ଚାଷୀ କେବେ ମଣ୍ଡି ଖୋଲିବ ଏବଂ ଟୋକନ ଆସିଲେ ଧାନ ବିକ୍ରି କରିବେ ବୋଲି ଅପେକ୍ଷା କରିଛନ୍ତି। କୃଷକ ନେତା ରଞ୍ଜିତ ପ୍ରଧାନ କହିଛନ୍ତି, ଚଳିତ ବର୍ଷ ଧାନ ଅମଳ ପରେ ସରକାରୀ ମଣ୍ଡିରେ ସ୍ଥିରୀକୃତ ଧାର୍ଯ୍ୟ ଦରରେ ବିକି ଚାଷ ପାଇଁ ଧାର କରଜ କରିଥିବା ଟଙ୍କା ଶୁଝି ଦେବେ ବୋଲି ଚାଷୀମାନେ ଭାବିଥିଲେ। କିନ୍ତୁ ମଣ୍ଡି ଖୋଲିବାରେ ଅହେତୁକ ବିଳମ୍ବ ଓ ଲଗାଣ ବର୍ଷା ଯୋଗୁ ଚାଷୀମାନେ ବାଧ୍ୟ ହୋଇ ଧାନ କୁଇଣ୍ଟାଲ ପ୍ରତି ୧୮୫୦ରୁ ୨୦୦୦ ଦରରେ ଦଲାଲମାନଙ୍କୁ ବିକ୍ରି କରୁଛନ୍ତି। ପଟ୍ଟାମୁଣ୍ଡାଇ ଅଞ୍ଚଳର ଚାଷୀମାନେ ଏକର ପିଛା ଅନ୍ୟୂନ ୨୦ ରୁ ୨୨ କୁଇଣ୍ଟାଲ ଧାନ ଅମଳ କରନ୍ତି। ସରକାରଙ୍କ ଧାର୍ଯ୍ୟ ମୂଲ୍ୟ କୁଇଣ୍ଟାଲ ପ୍ରତି ୩୧୦୦ଟଙ୍କା ରହିଥିବା ବେଳେ ବେପାରୀଙ୍କୁ ଧାନ ବିକି ଚାଷୀ ଏକର ପିଛା ୨୪ ହଜାର ଟଙ୍କାରୁ ଅଧିକ କ୍ଷତି ସହୁଛନ୍ତି। ଏପରିକି ଦଲାଲମାନେ ଆସି କ୍ଷେତରୁ ଧାନ ନେଇ ବାହାର ବେପାରୀଙ୍କୁ ଚଢ଼ାଦରରେ ବିକ୍ରି କରି ମାଲାମାଲ ହେଉଛନ୍ତି। ଚାଷୀ ନରେଶ ଜେନା, ଗୁଣ୍ଡିଆ ସାମନ୍ତରାୟ, ଅଭୟ ବଳ, ଗଗନ ବଳ, ରାଜୀବ ନାୟକ ପ୍ରମୁଖ କହିଛନ୍ତି, ଜାନୁଆରୀ ୭ ସୁଦ୍ଧା ମଣ୍ଡି ଖୋଲାଯିବ ବୋଲି ପ୍ରଶାସନ ପକ୍ଷରୁ ଦିନ ଧାର୍ଯ୍ୟ କରାଯାଇଛି। ଅନ୍ୟପକ୍ଷରେ ମଣ୍ଡି ଖୋଲିବାର ୧୫ ଦିନ ପୂର୍ବରୁ ଚାଷୀଙ୍କୁ ଟୋକନ ପାଇଁ ମୋବାଇଲରେ ସୂଚନା ମିଳିବା କଥା। ହେଲେ ଏପର୍ଯ୍ୟନ୍ତ ପଟ୍ଟାମୁଣ୍ଡାଇରେ ଜଣଙ୍କୁ ମଧ୍ୟ ମୋବାଇଲରେ ସୂଚନା ଦିଆଯାଇନାହିଁ। ଏଭଳିସ୍ଥଳେ ଅଧିକାଂଶ ଚାଷୀ ବାହାର ବେପାରୀ ଏବଂ ମିଲର୍ସଙ୍କୁ ଧାନ ବିକ୍ରି କରୁଛନ୍ତି। ମଣ୍ଡି ଖୋଲିଲା ବେଳକୁ ଚାଷୀଙ୍କ ପାଖରେ ଆଉ ଧାନ ନ ଥିବ ବୋଲି ସେମାନେ ମତପ୍ରକାଶ କରିଛନ୍ତି। ବର୍ଷା, ଶୀତ କାକରରେ ଚାଷୀ ବର୍ଷକର ଅମଳ ଧାନକୁ ଏବେ ଖଳାକୁ ନେଇ କୌଣସି ସୁରକ୍ଷିତ ସ୍ଥାନରେ ରଖିବାକୁ ମଧ୍ୟ ପ୍ରସ୍ତୁତ ନୁହନ୍ତି। ସୋସାଇଟି ଗୋଦାମ ଗୃହ ଶୀଘ୍ର ଖୋଲି ଚାଷୀଙ୍କ ଧାନ କିଣିବା ପାଇଁ ଚାଷୀ ଦାବି କରିଛନ୍ତି।

# ବୀମା ସହାୟତା ରାଶି ଆବେଦନ ପାଇଁ ଚାଷୀ ହଇରାଣ

- ୧୪୪୪୭କୁ ଫୋନ୍ କଲ କଲେ ବୈଧ ନାହିଁ ମିଳୁଛି ସୂଚନା
- ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ପ୍ରତି ଚାଷୀ ବୀତସ୍ପୃହ
- ନୟାଗଡ ବ୍ଲକରେ ଜଣେ ଏଜେଣ୍ଟ କରୁଛନ୍ତି ତଦନ୍ତ
- ତଦନ୍ତକାରୀ ଟିମ୍‌ର ଟେର୍ ପାଉନାହାନ୍ତି ଅଣବିମା ଚାଷୀ



ନୟାଗଡ଼, ୨୭।୧୨(ଲୋକନାଥ ମିଶ୍ର)

ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ବୀମାଭୁକ୍ତ ଚାଷୀ ସହୟତା ରାଶି ଲାଗି ଆବେଦନ କରିବାକୁ ତରିକା ପାଉ ନ ଥିବା ଅଭିଯୋଗ ଉଠିଛି। ଚାଷୀ ନିଜର କ୍ଷୟକ୍ଷତି ନେଇ କିପରି ସହାୟତା ଲାଗି ଆବେଦନ କରିବେ ସେନେଇ ବୀମା କମ୍ପାନୀ, କୃଷି ବିଭାଗ କି ଜିଲା ପ୍ରଶାସନ ସଚେତନତା କରୁ ନ ଥିବା କୁହାଯାଉଛି। ଅପରପକ୍ଷେ ଫୋନ୍ ନମ୍ବର ୧୪୪୪୭କୁ କଲ କଲେ ବୈଧ ନାହିଁ ବୋଲି ସୂଚନା ମିଳୁଛି। ବାରମ୍ବାର ବୈଧ ନାହିଁ ସୂଚନା ମିଳିବା ପରେ ଚାଷୀ କ'ଣ କରିବେ ଟେର ପାଉନାହାନ୍ତି। ଆଉ କେତେଜଣ ଚାଷୀ ବୀମା ସହାୟତା ରାଶି ଆବେଦନ ପାଇଁ ଫୋନ୍ ନମ୍ବର ୧୪୪୪୭କୁ କଲ କରି ଓଡ଼ିଆରେ କଥା ହେବା ପାଇଁ ଅପ୍ସନକୁ ଗଲାବେଳେ କଟି ଯାଉଛି। ସବୁ ଚାଷୀ ଶିକ୍ଷିତ ହୋଇ ନ ଥିବାରୁ ବୀମା କମ୍ପାନୀ ଉପରେ ଚାଷୀ ବିତସ୍ପୃହ ହୋଇ ସାରିଲେଣି। ଅନ୍ୟପକ୍ଷେ ଚାଷୀର ବିପତ୍ତି ସମୟରେ ବୀମା କମ୍ପାନୀର ଜିଲା ସଂଯୋଜକ ଜିଲା ସଦର ମକଦ୍ଦମାରେ ଅନୁପସ୍ଥିତ ଥିବା ଜଣାପଡିଛି। ଜିଲା ସଂଯୋଜକଙ୍କ ଅନୁପସ୍ଥିତି ପରେ ଚାଷୀଙ୍କ କାର୍ଯ୍ୟ ପଛୁଆ ହୋଇଯାଇଥିବାରୁ ରାଜ୍ୟ କାର୍ଯ୍ୟାଳୟକୁ ଫୋନ ଯୋଗେ ଅବଗତ କରାଯାଇଥିବା କେତେଜଣ ଚାଷୀ କହିଛନ୍ତି। ସେହିପରି ଯେଉଁ କ୍ଷତିଗ୍ରସ୍ତ ଚାଷୀଙ୍କର ବୀମା ସହାୟତା ରାଶି ନିମନ୍ତେ ପଞ୍ଜୀକରଣ ହେଉଛି ସେଗୁଡିକର ତଦନ୍ତ ପାଇଁ ନୟାଗଡ଼ ବ୍ଲକରେ ମାତ୍ର ଜଣେ ଏଜେଣ୍ଟ ଅଛନ୍ତି। ଜଣେ ଏଜେଣ୍ଟ ସହାୟତା ରାଶି ଆବେଦନଗୁଡିକ ତଦନ୍ତ କରିବା ସହଜ ହେଉନାହିଁ।

ନୟାଗଡ଼ ବ୍ଲକରେ ଶୁକ୍ରବାର ସୁଦ୍ଧା ୨୫୦ଜଣ ବୀମା ସହାୟତା ରାଶି ଲାଗି ଆବେଦନ କାରିଥିବାବେଳେ ମାତ୍ର ୮ଜଣଙ୍କର ତଦନ୍ତ ହୋଇଥିବା ଜଣାପଡିଛି। ଏଭଳି ତଦନ୍ତ ଜାରି ରହିଲେ ବୀମା ସହାୟତା ରାଶି ଆବେଦନ ଫଇସଲା ହେବା କାଠିକର ପାଠ ହୋଇ ପଡିବ ବୋଲି କୁହାଯାଉଛି। ନୟାଗଡ଼ ବ୍ଲକ ଭଳି ଜିଲାର ବିଭିନ୍ନ ବ୍ଲକରେ ବୀମା ଏଜେଣ୍ଟ ପ୍ରାୟ ଜଣେ କି ୨ ଜଣରେ ଅଟକି ଯାଇଛି। ଚଳିତ ଖରିଫ ଋତୁରେ କ୍ଷୟକ୍ଷତିର ଆକଳନ ବଢ଼ି ଚାଲିଥିବାବେଳେ ବୀମା କମ୍ପାନୀର ଏଜେଣ୍ଟ ସଂଖ୍ୟା କମ ଯୋଗୁ ବିଭିନ୍ନ ବ୍ଲକରେ ତଦନ୍ତରେ ଅସୁବିଧା ସୃଷ୍ଟି ହେଲାଣି। ଏଣୁ ବୀମା ସହାୟତା ରାଶି ଫଇସଲା ଉପରେ ଉଠିଛି ପ୍ରଶ୍ନ। ଅନ୍ୟପକ୍ଷେ ଅଣବୀମା ଭୁକ୍ତ ଚାଷୀଙ୍କର କ୍ଷୟକ୍ଷତି କିପରି ତଦନ୍ତ ହେବ ସେନେଇ ମଧ ପ୍ରଶ୍ନ ଉଠିଛି। କ୍ଷୟକ୍ଷତିର ଆକଳନ ପାଇଁ ପଞ୍ଚାୟତସ୍ତରୀୟ କୃଷି ଓ ଉଦ୍ୟାନ କର୍ମଚାରୀ, ସ୍ଥାନୀୟ ଆର୍‌ଆଇ କ୍ଷେତ୍ର ପରିଦର୍ଶନ କରୁଥିବା କୁହାଯାଉଛି। ହେଲେ ତଦନ୍ତକାରୀ ଟିମ୍ ସବୁ କ୍ଷତି ହୋଇଥିବା ଜମି ପରିଦର୍ଶନ କରିବା ସମ୍ଭବ ନୁହେଁ। କେଉଁ ଅଞ୍ଚଳକୁ ତଦନ୍ତକାରୀ ଟିମ୍ ଯାଉଛନ୍ତି ଚାଷୀ ଜାଣି ପାରୁନାହାନ୍ତି। ଏଭଳିସ୍ଥଳେ ଚାଷୀ ନିଜ ଫସଲକୁ ଅମଳ କରିବ ନାଁ ତଦନ୍ତକାରୀ ଟିମକୁ ଅପେକ୍ଷା କରି ରହିବ ଜାଣି ପାରୁ ନାହାନ୍ତି। ଏଭଳି ସମୟରେ ଚାଷୀ ଅପଦସ୍ତ, ହଟହଟା ହେଉଛି। ଚାଷୀ କିପରି ତାର ସହାୟତା ରାଶି ପାଇବ ସେନେଇ ଜାଣି ପାରୁନି।

ଜିଲାରେ ୭୦ ହଜାର ଅଣଋଣୀ ଚାଷୀଙ୍କ ପ୍ଲଟ ବୀମାଭୁକ୍ତ ହୋଇଛି। ସେହିଭଳି ୯୭ ହଜାର ପ୍ଲଟ ଋଣୀ ଚାଷୀଙ୍କର ଜମି ବୀମାଭୁକ୍ତ ହୋଇଛି। ଋଣ ବୀମାଭୁକ୍ତ ଚାଷୀଙ୍କ ମଧ୍ୟରୁ ପ୍ରାୟ ୪୦ ହଜାର ଚାଷୀ କେବଳ ରଣପୁର ବ୍ଲକର ବୋଲି ଜଣାପଡିଛି। ଏ ନେଇ ଚାଷୀ ନେତା ରଣଜିତ ଦଳବେହେରା କହିଛନ୍ତି, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ବୀମାଭୁକ୍ତ ଚାଷୀ କିପରି କ୍ଷୟକ୍ଷତି ନେଇ ନିଜର ନାଁ ପଞ୍ଜୀକରଣ କରିବ ଜାଣି ପାରୁନି। କିଛି ଚାଷୀ ସହାୟତା ରାଶି ପାଇଁ ହଇରାଣ ହୋଇ ସାରିଲେଣି। ଏଭଳିସ୍ଥିତି ଲାଗି ରହିଲେ, ଅଭିଯୋଗ କରିବାର ସମୟ ସିମା ଶେଷ ହୋଇଗଲେ ମଧ ଅଭିଯୋଗ କରିପାରିବେ ନାହିଁ। ଏଣୁ ଚାଷୀ ପାଇଁ ପ୍ରଶାସନ ଓ ସରକାର ସ୍ୱତନ୍ତ୍ର ଭାବେ ବ୍ୟବସ୍ଥା କରାଇବା ଦରକାର। ପୁଣି ଅଣବୀମାଭୁକ୍ତ ଚାଷୀ କପିରି ସହାୟତା ପାଇବେ, ସେମାନଙ୍କ ଜମି କିପରି ତଦନ୍ତ ହେବ ସେନେଇ ମଧ ଗୁରୁତ୍ୱ ଦେବା ଦରକାର। ଜିଲା ମୁଖ୍ୟ କୃଷି ଅଧିକାରୀ ସୁମନ ସିଂ ପଟ୍ଟନାୟକଙ୍କୁ ପଚାରିବାରେ ଜିଲାରେ ୪ ହଜାର ହେକ୍ଟର ଜମିର ଫସଲ ନଷ୍ଟ ହୋଇଥିବା ନେଇ ପ୍ରାରମ୍ଭିକ ରିପୋର୍ଟ ସରକାରଙ୍କୁ ପ୍ରଦାନ କରାଯାଇଛି। ତେବେ କ୍ଷୟକ୍ଷତି ନେଇ ପୂର୍ଣ୍ଣାଙ୍ଗ ଆକଳନ ଚାଲିଛି ବୋଲି ସେ କହିଛନ୍ତି।

## ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ବନ୍ଦ କରିବାକୁ କଂଗ୍ରେସର ଟୁଇଟ୍

ନୟାଗଡ, ୨୭।୧୨(ଲୋକନାଥ ମିଶ୍ର)

ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ପରଲୋକ ପରେ ସରକାର ୭ ଦିନିଆ ରାଷ୍ଟ୍ରୀୟ ଶୋକ ଘୋଷଣା କରିଛନ୍ତି। ତେବେ ନୟାଗଡ଼ ଜିଲା ମହୋତ୍ସବରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ବନ୍ଦ ନେଇ ପ୍ରଶାସନ ନୀରବତା ଅବଲମ୍ବନ କରିଥିଲା। ପରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ବନ୍ଦ କରିବାକୁ ନୟାଗଡ଼ ଜିଲା କଂଗ୍ରେସ ପକ୍ଷରୁ ଜିଲାପାଳ ନୟାଗଡ଼, ମୁଖ୍ୟମନ୍ତ୍ରୀ ଓ ନୟାଗଡ଼ ବିଧାୟକଙ୍କୁ ଟୁଇଟ୍ କରାଯାଇଥିଲା। କଂଗ୍ରେସ ନେତା ରଣଜିତ ଦାଶଙ୍କ ଟୁଇଟ୍‌ର କିଛି ଘଣ୍ଟା ପରେ ପ୍ରଶାସନ ରଙ୍ଗରଙ୍ଗ କାର୍ଯ୍ୟକ୍ରମକୁ ବାତିଲ କରିଥିବା ଦେଖିବାକୁ ମିଳିଥିଲା।

## କେନ୍ଦ୍ରୀୟ ଟିମ୍ ଯାଞ୍ଚ କଲା ପ୍ରଧାନମନ୍ତ୍ରୀ ସଡ଼କ



କେନ୍ଦ୍ରୀୟ ଟିମ୍ ସଦସ୍ୟମାନେ ରାସ୍ତାର ମାନ ଯାଞ୍ଚ କରୁଛନ୍ତି।

ନୟାଗଡ଼/ଭାପୁର,୨୭।୧୨ ( ଲୋକନାଥ ମିଶ୍ର/ଭରତ କୁମାର ବେହେରା)

ନୟାଗଡ଼ ଜିଲା ଭାପୁର ବ୍ଲକର ଶାଳପଡ଼ାଠାରୁ ଖଇରଗାଡିଆ ମହୁଲିଆ ମରିଚିଆ ଯାଇଥିବା ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ରାସ୍ତା କାମ ଚାଲିଛି। ଦିଲ୍ଲୀର ନ୍ୟାଶନାଲ କ୍ୱାଲିଟି ମନିଟରିଂ ଟିମର ମୁଖ୍ୟ ଭାବେ ଇଞ୍ଜିନିୟର ଦେବେନ୍ଦ୍ର ସିଂହ, ନିର୍ବାହୀ ଯନ୍ତ୍ରୀ ସସ୍ମିତା ମୁଣ୍ଡରୀ ,ଖଣ୍ଡପଡ଼ା ଏସ୍‌ଡିଓ ଜଗବନ୍ଧୁ ମିଶ୍ର ଓ ଯନ୍ତ୍ରୀ କେଶବ ଚନ୍ଦ୍ର ସୁବୁଦ୍ଧି ପ୍ରମୁଖ ସମ୍ପର୍କ ରାସ୍ତା ଖୋଳି ପରୀକ୍ଷଣ ସହ ସାମ୍ପୁଲ ସଂଗ୍ରହ କରି ପରୀକ୍ଷଣ ପାଇଁ ଲାବୋରାଟିକୁ ପଠାଇଛନ୍ତି। ଶାଳପଡାଠାରୁ ଖଇରଗାଡିଆ ମହୁଲିଆ ମରିଚିଆ ରାସ୍ତାର ୬ କିମି ୦୬୬ ମିଟର ରାସ୍ତା ପାଇଁ ମୋଟ ୨ କୋଟି ୮୯ ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର ହୋଇଛି। ଏହି ଅର୍ଥରେ ୩.୪୦୨ ପିଚୁ ରାସ୍ତା ସହ ୨. ୬୬୪ କିଲୋମିଟର ସିମେଣ୍ଟ କଂକ୍ରିଟ ରାସ୍ତା ନିର୍ମାଣ ହେବ। ପୁଣି ରାସ୍ତାରେ ନୂତନ ଭାବେ ୮ଟି ନୂଆ ପୋଲ ନିର୍ମାଣ ହୋଇଛି। ୨୦୨୨-୨୩ ଆର୍ଥିକ ବର୍ଷରେ ଏହି ରାସ୍ତା ସମ୍ପୂର୍ଣ୍ଣ ହେବାର ରହିଥିବାବେଳେ ନିର୍ମାଣ ଅଧାପନ୍ତରିଆ ହୋଇ ରହିଥିଲା। ଏବେ ନିର୍ମାଣ କାର୍ଯ୍ୟ ଚାଲିଛି।

## ଯକ୍ଷ୍ମା ରୋଗୀ ଚିହ୍ନଟ କାର୍ଯ୍ୟକ୍ରମର ଶୁଭାରମ୍ଭ

ନୟାଗଡ଼, ୨୭।୧୨(ଲୋକନାଥ ମିଶ୍ର)

ନୟାଗଡ଼ ବ୍ଲକ ବଡ଼ପଣ୍ଡୁସର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଯକ୍ଷ୍ମା ରୋଗୀ ଚିହ୍ନଟ କାର୍ଯ୍ୟକ୍ରମରେ ଶୁକ୍ରବାର ଡା. ଜ୍ଞାନଜ୍ୟୋତି ଦାସ ସଚେତନତା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ସମ୍ପୃକ୍ତ କାର୍ଯ୍ୟକ୍ରମ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଆଶା କର୍ମୀ, ସ୍ୱାସ୍ଥ୍ୟ କର୍ମୀ ଓ ସ୍ୱେଚ୍ଛାସେବୀମାନେ ଘରକୁ ଘର ବୁଲି ଯକ୍ଷ୍ମା ରୋଗୀ ଚିହ୍ନଟ କାରିବେ। ବଡ଼ପଣ୍ଡୁସର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ସ୍ୱାସ୍ଥ୍ୟ କର୍ମୀ ଓ ସ୍ୱେଚ୍ଛାସେବୀମାନଙ୍କୁ ନେଇ ୨୨ଟି ଦଳ ଗଠନ କରାଯାଇଛି। ପ୍ରତିଟି ଦଳ ୭ ଶହରୁ ଊର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ଗ୍ରାମକୁ ଯାଇ ଯକ୍ଷ୍ମା ରୋଗୀ ଚିହ୍ନଟ କରିବେ। ଦୀର୍ଘଦିନ ଧରି ଜ୍ୱର ଲାଗି ରହିବା, ଓଜନ କମିଯିବା, ଦୁଇ ସପ୍ତାହରେ ଅଧିକ ଦିନ ଧରି କାଶ ଲାଗି ରହିବା, ଛାତିରେ ଯନ୍ତ୍ରଣା ହେବା ଓ କଫରେ ରକ୍ତ ପଡ଼ିବା ଏ ସବୁ ଲକ୍ଷଣ ଥିଲେ ତୁରନ୍ତ କଫ ପରୀକ୍ଷା କରାଯିବ। ସ୍ୱାସ୍ଥ୍ୟ ବିଭାଗର ସମ୍ପ୍ରସାରଣ ଅଧିକାରୀ ସୁରେନ୍ଦ୍ର ପ୍ରଧାନ, ବ୍ଲକ କାର୍ଯ୍ୟକ୍ରମ ପରିଚାଳିକା ନିବେଦିତା ପ୍ରଧାନ, ବରିଷ୍ଠ ଚିକିତ୍ସା ତଦାରଖକାରୀ ଦୀପକ କୁମାର ଦଳବେହେରା, ମମତା ମିଶ୍ର, ଭରତ ବେହେରା, ଜୟନ୍ତୀ ଜେନା, ରାଧେଶ୍ୟାମ ପ୍ରଧାନ, ଗୁଣନିଧି ରାଉତ କାର୍ଯ୍ୟକ୍ରମକୁ ପରିଚାଳନା ତଦାରଖ କରିବେ।




ଅତିଥିମାନେ ପତାକା ଦେଖାଇ ସଚେତନତା ରଥର ଶୁଭାରମ୍ଭ କରୁଛନ୍ତି।

## ଜାଭ୍‌ଲିନ୍ ଥ୍ରୋରେ କୃତିତ୍ୱ ହାସଲ କଲେ ପ୍ରାଣକୃଷ୍ଣ

ଖଣ୍ଡପଡ଼ା,୨୭।୧୨(ଅଜୟ କୁମାର ମହାରଣା)



ଖଣ୍ଡପଡ଼ା ଏନ୍‌ଏସି କାର୍ଯ୍ୟାଳୟର କର୍ମଚାରୀ ପ୍ରାଣକୃଷ୍ଣ ବାଇ ଜାଭ୍‌ଲିନ୍ ଥ୍ରୋ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତୀତ୍ୱ ଅର୍ଜନ କରିଛନ୍ତି। ସୂଚନା ଯୋଗ୍ୟ,ରାଜ୍ୟ ସରକାର ଭିନ୍ନକ୍ଷମମାନଙ୍କ ପାଇଁ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡ଼ିୟମ୍ ପରିସରରେ ପାରା ଆଥ୍‌ଲେଟିକ୍ ପ୍ରତିଯୋଗିତା ୨୦୨୪-୨୫ର ଆୟୋଜନ କରିଥିଲେ। ରାଜ୍ୟର ବିଭିନ୍ନ ସ୍ଥାନରୁ ପ୍ରତିଯୋଗୀମାନେ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଜାଭ୍‌ଲିନ୍ ଥ୍ରୋରେ ପ୍ରାଣକୃଷ୍ଣ ଦ୍ୱିତୀୟ ସ୍ଥାନ ଅଧିକାର କରି ରୌପ୍ୟ ପଦକ ଏବଂ ଡ଼ିସ୍‌କସ୍ ଥ୍ରୋରେ ତୃତୀୟ ସ୍ଥାନ ଅଧିକାର କରି କାଂସ୍ୟ ପଦକ ହାସଲ କରିଛନ୍ତି। ପ୍ରାଣକୃଷ୍ଣ ଭିନ୍ନକ୍ଷମ ହୋଇଥିଲେ ହେଁ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସୁନାମ ଆଣିବା ସହ ରାଜ୍ୟରେ ଏକ ଚର୍ଚ୍ଚିତ ଚେହେରା ପାଲଟି ଯାଇଛନ୍ତି। ଯଦି ତାଙ୍କୁ ବାହାର ରାଜ୍ୟରେ ଖେଳିବାକୁ ରାଜ୍ୟ ସରକାର ସୁଯୋଗ ଦିଅନ୍ତେ ତେବେ ଭବିଷ୍ୟତରେ ପ୍ରାଣକୃଷ୍ଣ ରାଜ୍ୟ ପାଇଁ ଗୌରବ ଆଣିପାରନ୍ତେ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ରୂପାଲି




@ ବଳରାମ



@ ମାନସ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ବାର୍‌ହା ମୃତଦେହ ଗାଏବ: ଶିକାର କରି ନେଉଥିଲେ ଲୋକ

ନୟାଗଡ଼, ୨୭।୧୨(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଇଟାମାଟି ଥାନା ଗୁଣ୍ଠୁଣି ସଜନାପଡ଼ା ମଧ୍ୟବର୍ତ୍ତୀ ଅଞ୍ଚଳରେ ଶିକାର ହୋଇଥିବା ଏକ ବାର୍‌ହାର ମୃତଦେହକୁ ଗାଏବ କରାଯାଇଥିବା ଅଭିଯୋଗ ଉଠିଛି। କେତେଜଣ ଲୋକ ବାର୍‌ହାକୁ ମାରି ମାଂସ ନେବା ପାଇଁ ମୃତଦେହକୁ ନେଇ ଯାଉଥିଲେ। ଏହି ସମୟରେ ପୋଲିସ ପହଞ୍ଚି ମୃତଦେହକୁ ଭ୍ୟାନରେ ନେଇ ଚାଲି ଯାଇଥିଲା। ତେବେ ଶିକାର କରିଥିବା ଲୋକଙ୍କୁ ପୋଲିସ କିଛି କହି ନ ଥିଲା। ତେବେ ପୋଲିସକୁ ପଚାରିଲେ ଉତ୍ତର ମିଳୁଛି ବାର୍‌ହାର ମୃତଦେହକୁ ପୋଲିସ ଆଣିନି। ପୋଲିସ ପହଞ୍ଚିବାବେଳକୁ ବାର୍‌ହାର ମୃତଦେହ ନ ଥିଲା। ଏଭଳିସ୍ଥଳେ ଶିକାରୀମାନଙ୍କଠାରୁ କଏ ମୃତ ବାର୍‌ହାକୁ ଛଡାଇ ନେଲା। ଅସଲି ପୋଲିସ ନେଲା ନାଁ ନକଲି ପୋଲିସ ନେଇଛି। ଯାହା ତଦନ୍ତ ସାପେକ୍ଷ। ଶୁକ୍ରବାର ବାର୍‌ହାଟି ଏକ କଲଭର୍ଟ ତଳେ ପଶି ଯାଇଥିଲା। କେତେଜଣ ଲୋକ ମେଳି ହୋଇ ବାର୍‌ହାକୁ ଶିକାର କରିଥିଲେ। ପରେ ମାଂସ ନେବା ପାଇଁ ବାରହାର ମୃତଦେହକୁ ନେଇ ପଳାଇ ଯାଉଥିଲେ। ଖବର ପାଇ ଇଟାମାଟି ଓ କଣ୍ଟପଡା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରିଥିଲା। ଏପରିକି ପୋଲିସ ଭ୍ୟାନରେ ବାର୍‌ହା ମୃତଦେହକୁ ନେଇଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି।

## କ୍ଷତିଗ୍ରସ୍ତ ଚାଷଜମିରେ ରାଜ୍ୟ ଭାଜପା କୃଷକ ମୋର୍ଚ୍ଚା ସଭାପତି

ରଣପୁର ୨୭।୧୨
(ସୁକାନ୍ତ କିଶୋର ଡାକୁଆ)

ଲଘୁଚାପ ଜନିତ ବର୍ଷାରେ ଧାନ ଅମଳ ହେବା ପୂର୍ବରୁ କଟା ହୋଇ ଜମିରେ ପଡ଼ି ସବୁ ନଷ୍ଟ ହୋଇଯିବା ଯୋଗୁ ଚାଷୀମାନଙ୍କ ଅଣ୍ଟା ଭାଙ୍ଗି ଯାଇଛି। ସେମାନଙ୍କ ଭବିଷ୍ୟତ ସମ୍ପୂର୍ଣ୍ଣ ଅନିଶ୍ଚିତତା ଆଡକୁ ଠେଲି ହୋଇଯାଇଛି। ଚଳିତ ବର୍ଷ ଭଲ ଧାନ ହୋଇଥିବା ଚାଷୀମାନେ ସରକାରଙ୍କ ପକ୍ଷରୁ ଘୋଷଣା ହୋଇଥିବା କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ପାଇ ଧାର କରଜ ଶୁଝିବାକୁ ଆଶା ରଖିଥିଲେ। ହେଲେ ବର୍ଷା ସମସ୍ତ ଆଶାକୁ ଧୂଳିସାତ କରିଦେଇଛି। ଚାଷୀ ଏବେ ଫସଲ ନଷ୍ଟକୁ ନେଇ ଚିନ୍ତାରେ ପଡ଼ିଛନ୍ତି। ଚାଷୀକୁଳ ରାଜ୍ୟରେ ଲୋକଙ୍କ ସରକାର କ୍ଷମତାସୀନ ହୋଇଥିବା ହେତୁ ଭାଜପା ସରକାର ସେମାନଙ୍କୁ ଉପଯୁକ୍ତ କ୍ଷୟକ୍ଷତିର ସହାୟତା ପ୍ରଦାନ କରି ଥଇଥାନ କରିବେ ବୋଲି ଆଶା ରଖିଛନ୍ତି। ଏପରି ଏକ ଦୁର୍ଦ୍ଦିନ ସମୟରେ ରାଜ୍ୟ ଭାଜପା କୃଷକ ମୋର୍ଚ୍ଚାର ସଭାପତି ମହେଶ୍ୱର ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଶୁକ୍ରବାର ରଣପୁର ବ୍ଲକ କନ୍ଧ ନୟାଗଡ଼ ପଞ୍ଚାୟତର ବିଭିନ୍ନ କ୍ଷତିଗ୍ରସ୍ତ ଧାନ ଫସଲ ଜମି ପରିଦର୍ଶନ କରିଛନ୍ତି। କ୍ଷୟକ୍ଷତିର ଆକଳନ କରିବା ସହ ଚାଷୀମାନଙ୍କଠାରୁ ତଥ୍ୟ ସଂଗ୍ରହ କରି ସେମାନଙ୍କୁ ସାହୁ ଆଶ୍ୱାସନା ଦେଇଥିବା ଜଣାପଡିଛି। ସାହୁଙ୍କ ସହ ଏହି ପ୍ରତିନିଧି ମଣ୍ଡଳୀରେ ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ସ୍ୱାଇଁ, ନୟାଗଡ଼ ଜିଲା ଭାଜପା ସଭାପତି ତାପସ ରଞ୍ଜନ ମାର୍ଥା, ଜିଲା କୃଷକ ମୋର୍ଚ୍ଚା ସଭାପତି ଶ୍ରୀନିବାସ ପ୍ରଧାନ, ରଣପୁର ବ୍ଲକ ଅଧକ୍ଷା ନିର୍ମଳା ବେହେରା, କୃଷକ ନେତା ସଞ୍ଜୟ କୁମାର ନାୟକ ପ୍ରମୁଖ ସାମିଲ ହୋଇଥିଲେ।



ରାଜ୍ୟ ଭାଜପା କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁ ଓ ଅନ୍ୟ ପ୍ରତିନିଧି ମଣ୍ଡଳୀଙ୍କୁ ଚାଷୀମାନେ ନଷ୍ଟ ହୋଇଥିବା ଧାନ ଦେଖାଉଛନ୍ତି।

## ଫାଇନାଲରେ ଏସ୍‌ଏସ୍‌ବି ନୂଆଦିଲ୍ଲୀ

### ସର୍ବଭାରତୀୟ ମହିଳା ଫୁଟବଲ ଟୁର୍ନାମେଣ୍ଟ

ଶରଣକୁଳ,୨୭।୧୨(ଦୀପକ କର)



ଶରଣକୁଳ ନାରାୟଣ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଶୁକ୍ରବାର ଅନୁଷ୍ଠିତ ସ୍ପୋଟସ ଆସୋସିଏସନ ଦ୍ୱାରା ଆୟୋଜିତ ସର୍ବଭାରତୀୟ ମହିଳା ଫୁଟବଲ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ଖେଳରେ ଏସ୍‌ଏସ୍‌ବି, ନୂଆଦିଲ୍ଲୀ ୧-୦ଗୋଲରେ ନିତା ଫୁଟବଲ ଏକାଡ଼ମୀ, ଆଠଗଡକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ବହୁସଂଖ୍ୟାରେ ଉପସ୍ଥିତ ଦର୍ଶକଙ୍କ ଗହଣରେ ଅନୁଷ୍ଠିତ ଆଜିର ପ୍ରଥମାର୍ଦ୍ଧ ଖେଳରେ ଦୁଇଦଳ ସଂଘର୍ଷପୂର୍ଣ୍ଣ ଖେଳ ପ୍ରଦର୍ଶନ କରିଥିଲେ ମଧ୍ୟ ଗୋଲ ଶୂନ୍ୟ ରହିଥିଲା। ଖେଳର ଦ୍ୱିତୀୟାର୍ଦ୍ଧରେ ଦୁଇ ଦଳ ଆକ୍ରମଣାତ୍ମକ ଖେଳ ଜାରି ରଖି ଗୋଲ କରିବାକୁ ଉଦ୍ୟମ କରିଥିଲେ। କିନ୍ତୁ ଖେଳ ସମାପ୍ତ ହେବାର କିଛି ସମୟ ପୂର୍ବରୁ ନୂଆଦିଲ୍ଲୀ ଦଳର ୧୨ନଂ. ଖେଳାଳି ସମୀକ୍ଷାଙ୍କ ଚମତ୍କାର ଗୋଲରେ ଦଳ ବିଜୟ ଲାଭ କରିଥିଲା। ପରେ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ସହ ସହ ମୁଖ୍ୟଅତିଥି ଭାବେ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ଓ ବାଙ୍ଗିରିପୋଷି ବିଧାୟିକା ସଞ୍ଜଲୀ ମୁର୍ମୁ, ସମ୍ମାନିତ ଅତିଥି ଭାବେ ଅଭିଷ୍ଟ ଚାରିଟେବଲ ଟ୍ରଷ୍ଟର ପ୍ରତିଷ୍ଠାତା ଏଲି ପାତ୍ରୀଙ୍କ ସହ ହରିହରପୁର ସରପଞ୍ଚ ବିଳାସିନୀ ମହାପାତ୍ର, ପୂର୍ବତନ ଗୋଡିପଲ୍ଲୀ ସରପଞ୍ଚ କୁମାରୀ ପାତ୍ର ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଏଥିସହ ଶୁକ୍ରବାର ଖେଳରେ ସର୍ବଶ୍ରେଷ୍ଠ ଖେଳାଳି ଭାବେ ନୂଆଦିଲ୍ଲୀର ସମୀକ୍ଷାଙ୍କୁ ଟ୍ରଫି ସହ ଏକ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରିଥିଲେ। ମୁଖ୍ୟ ରେଫେରିଭାବେ ଚିତ୍ରମ୍ବଦା ପାତ୍ର, ଲାଇନରେ ଆରତୀ ମହାନ୍ତି ଓ ବବଲୀ ନାୟକ ଏବଂ ୪ର୍ଥ ରେଫେରୀ ଭାବେ ବିଷ୍ଣୁପ୍ରିୟା ଦାଶ ଖେଳକୁ ପରିଚାଳନା କରିଥିଲେ। ଖେଳର ଧାରା ବିବରଣୀ ମହିଳା ଭାଷ୍ୟକାର ସ୍ନେହାସୀସା ମହାପାତ୍ର ଓ ଭବାନୀ ଶଙ୍କର ମହାପାତ୍ର କରିଥିଲେ। ଶନିବାରର ଖେଳ ଓଡ଼ିଶା ପୋଲିସ ବନାମ ତାମିଲନାଡୁ ପୋଲିସ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ସାଧାରଣ ସମ୍ପାଦକ ସୂଚନା ଦେଇଛନ୍ତି।

